୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.59 Bhubaneswar Friday April 11 2025 | ୨୭ତମ ବର୍ଷ ସଂଖ୍ୟା–୫୯ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୧୧, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଲିଙ୍ଗିପୁର ସ୍ନେହା ବେହେରା ହତ୍ୟାକାଣ୍ଡର ପର୍ଦ୍ଦାଫାସ, ସୈତାନ ସିକ୍ୟୁରିଟି ଗାର୍ଡର ସାଂଘାତିକ କାରନାମା



ଭୁବନେଶ୍ୱର,୧୦।୪(ପି.ଏନ): ପ୍ରେମର କରୁଣ ପରିଣତି । ପ୍ରେମିକ ସାଜିଲା ଖୁନି ଆସାମୀ । ମାରିଲା ପରେ ମୃତଦେହକୁ ଲିଙ୍ଗିପୁର ଦୟା ନଦୀ କୂଳରେ ଫିଙ୍ଗିଲା । ଦୁଇ ମାସରୁ ଅଧିକ ସମୟର ତନାଘନା ପରେ ଧରାହେଲା ଜହ୍ଲାଦ । ଅଭିଯୁକ୍ତକୁ ନେଇ ସିନ ରିକ୍ରିଏସନ କଲା ଖଣ୍ଡଗିରି ଥାନା ପୋଲିସ । ସୈତାନ ସିକ୍ୟୁରିଟି ଗାର୍ଡର ସାଙ୍ଘାତିକ କାରନାମା । ସ୍ନେହାର ସ୍ନେହ ଟିକିଏ ମିଳିଲାନି ବୋଲି ଚିପି ଦେଲା ତଣ୍ଟି । ଅତୁଆ ସୂତାରୁ ଖିଅ କା?ିଲେ ଖଣ୍ଡଗିରି ଆଇଆଇସି । କାହାଣୀଟି ଯେତିକି ସଙ୍ଗୀନ, ପୋଲିସ ପାଇଁ ମଧ୍ୟ ଥିଲା ସେତିକି ଚ୍ୟାଲେଞ୍ଜିଙ୍ଗ । ପ୍ରଥମେ ଅପମୃତ୍ୟୁ ମାମଲା, ତଦନ୍ତ ପରେ ଜଣାପଡିଲା ଯୋଜନା ବଦ୍ଧ ହତ୍ୟାକାଣ୍ଡ । ଜାନୁଆରୀ ୨୮ ତାରିଖରେ ଧଉଳି ଥାନା ଲିଙ୍ଗିପୁର ମେଳନ ପଡିଆ ନିକଟରୁ ମିଳିଥିଲା ଗଳିତ ମୃତଦେହ । ସାଇଣ୍ଟିଫିକ ଟିମ ଯାଇ ସରଜମିନ ତଦନ୍ତ କରିଥିଲା । ପରେ ଗଳିତ ମୃତଦେହର ପରିଚୟ ଜାଣିବା ପାଇଁ ତନାଘନା ଚାଲିଥିଲା । ସବୁ ଥାନାକୁ ପରିଚୟ ଖୋଜିବାକୁ କୁହାଯାଇଥିଲା । ଜାନୁଆରୀ ୧୦ରେ ଖଣ୍ଡଗିରି ଥାନାରେ ଏକ ମିସିଙ୍ଗ ରିପୋର୍ଟ ହୋଇଥିଲା । ପରିବାର ଲୋକଙ୍କୁ ଯୋଗାଯୋଗ ପରେ ବି ଚିହ୍ନଟ କରିବା ମୁସ୍କିଲ ଥିଲା । ସ୍ନେହା ବେହେରା ନିଖୋଜ ନେଇ, ରିପୋର୍ଟ କରିଥିଲେ ତାଙ୍କ ଭଉଣୀ । ସ୍ନେହାଙ୍କ ଘର କନ୍ଧମାଳ । ସେ ବରମୁଣ୍ଡା ରୁଚିକା ମାର୍କେଟ ନିକଟରେ ରହୁଥିଲେ । ମୋବାଇଲ ନମ୍ବରରୁ ଖୋଳତାଡ଼ ପରେ ଜଣାପଡିଲା ଯେ, ସେ ଜଣେ ସିକ୍ୟୁରିଟି ଗାର୍ଡ ସହ ପ୍ରେମ ସମ୍ପର୍କରେ ଥିଲେ । ଅଭିଯୁକ୍ତ ସିକ୍ୟୁରିଟି ଗାର୍ଡ ଚନ୍ଦନ ପରିଡା ସହ ସେହିଦିନ ଧଉଳି ବୁଲିବାକୁ ଯାଇଥିଲେ ମୃତ ଯୁବତୀ ସ୍ନେହା ବେହେରା ।ତଥ୍ୟ ପ୍ରମାଣ ଏକାଠି କରିବା ପରେ, ପ୍ରେମ ସମ୍ପର୍କ ପଦାକୁ ଆସିଥିଲା । ଆଉ ପ୍ରେମ ଯେ ପାପରେ ପରିଣତ ହୋଇଥିଲା, ସେ ନେଇ ପରଦାଫାସ ମଧ୍ୟ କରିଥିଲା ଖଣ୍ଡଗିରି ଥାନା ପୋଲିସ । ଅଭିଯୁକ୍ତ ତଣ୍ଟି ଚିପି ହତ୍ୟା କରିବା ପରେ, ସେହି ସ୍ଥାନ ଛାଡି ପଳେଇବା ସହ ଚାକିରି ଛାଡି ଫେରାର ଥିଲା । ଠିକ ଏହି ସମୟରେ ତଦନ୍ତକୁ ବାଟବଣା କରିବା ପାଇଁ ମୃତଦେହ ପାଖରେ ଚନ୍ଦନପୁର ଥାନା ଅଞ୍ଚଳର ମିଟୁ ପରିଡ଼ା ନାମକ ଜଣେ ବ୍ୟକ୍ତି ନିଜ ସ୍ତୀର ପରିଶୋଧ ନେବାକୁ ଯାଇ ରମେଶ ନାମକ ଜଣେ ବ୍ୟକ୍ତିର ଆଧାର କାର୍ଡ ଓ ଏକ ମିଛ ସୁଇସାଇଟ ନୋଟ କ୍ରାଇମସିନରେ ଫୋପାଡି ଦେଇଥିଲା । ମିଟୁ ବିବାହ କରିବାକୁ ଚାହୁଁଥିବା ଯୁବତୀଙ୍କୁ ରମେଶ ବିବାହ କରିବାରୁ ଏହି ରାଗ ସୁଝାଇବାକୁ ଷଡ଼ଯନ୍ତ୍ର କରିଥିବା ପୁଲିସ ଜାଣିବାକୁ ପାଇଥିଲା ।ଲିଙ୍ଗିପୁର ନଦୀପଠାର ସେହି ପରିତ୍ୟକ୍ତ ସ୍ଥାନ ପାଖକୁ ଅଭିଯୁକ୍ତ ଚନ୍ଦନ ପରିଡା ଓରଫ ମଙ୍ଗୁକୁ ନେଇ ସିନ ରିକ୍ରିଏସନ କରାଯାଇଛି । ଅଭିଯୁକ୍ତକୁ ଜେଲ ପଠାଇବା ପୂର୍ବରୁ ଜଗତସିଂହପୁର କୁଜଙ୍ଗ ଥାନାରେ ତା ନାଁରେ ଆହୁରି ୨ଟି ସଙ୍ଗୀନ ମାମଲା ଥିବା ଜାଣିବାକୁ ପାଇଛି ପୋଲିସ ।

## କ୍ଷମତାରେ ରୁହନ୍ତୁ କି ବିରୋଧରେ, ନବୀନଙ୍କ ପାଇଁ ଶୃଙ୍ଖଳା ପ୍ରଥମ ପ୍ରାଥମିକତା



ଭୁବନେଶ୍ୱର,୧୦।୪(ପି.ଏନ): ନବୀନ ପଟ୍ଟନାୟକଙ୍କ ଚେତାବନୀ ପରେ ପୁଣି ଥରେ ଶୃଙ୍ଖଳାକୁ ଗୁରୁତ୍ୱ ଦେଇଛନ୍ତି ବିଜେଡି ନେତା । ଏକାଠି ହୋଇ ଦଳୀୟ ସଙ୍ଗଠନକୁ କିପରି ଆଗକୁ ନିଆଯିବ, ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ସମସ୍ତଙ୍କ ଫୋକସରେ ଦଳର ସାଂଗଠନିକ ନିର୍ବାଚନ । ଯାହା ଚଳିତମାସ ଶେଷ ସୁଦ୍ଧା ସରିବ । କିଏ କେଉଁ ଦାୟିତ୍ୱ ନେବେ ଓ ଦଳର ଧର୍ମ ନିରପେକ୍ଷତା ନୀତିକୁ ବଜାଏ ରଖିପାରିବ, ସେ ନେଇ ନୂଆ ଉତ୍ସାହ ସହ କାମ ଆରମ୍ଭ କରିଛନ୍ତି ବରିଷ୍ଠ ଓ ଯୁବ ନେତା ।କ୍ଷମତାରେ ରୁହନ୍ତୁ କି ବିରୋଧରେ, ନବୀନ ପଟ୍ଟନାୟକଙ୍କ ପାଇଁ ଶୃଙ୍ଖଳା ପ୍ରଥମ ପ୍ରାଥମିକତା । ଯେଉଁଥି ପାଇଁ ଦଳୀୟ ଶୃଙ୍ଖଳାକୁ ବାରମ୍ବାର ଗରୁତ୍ୱ ଦେଇ ଆସୁଛନ୍ତି ନବୀନ । କିଛି ଦିନରୁ ଦଳ ଭିତରେ ଚାଲିଥିବା ସମାନ୍ତରାଳ ମେଳି ବିରୋଧରେ ନବୀନ ପାଟି ଫିଟାଇବା ପରେ ବିଜେଡି ନେତା ବି ଶୃଙ୍ଖଳାକୁ ଦେଇଛନ୍ତି ଗୁରୁତ୍ୱ । ସୁପ୍ରିମୋଙ୍କ ଚେତାବନୀ ପରେ ହୋଟେଲ ମେଳିରେ ପଡିଛି ପୂର୍ଣ୍ଣଚ୍ଛେଦ । ଏଣିକି ଯାହା ଦଳୀୟ ବୈ?ଠକ ହେବ, ସବୁ ହେବ ଶଙ୍ଖ ଭବନରେ । ଦଳୀୟ ସଙ୍ଗଠନ ଓ ଶୃଙ୍ଖଳା ପାଇଁ କିଛି ଅନୁଶାସନ ପାଳନ କରିବା ଦରକାର ବୋଲି ମାନୁଛନ୍ତି ସବୁ ନେତା । ଯେହେତୁ ସଭାପତି ଦଳର ସର୍ବ?ସର୍ବା, ସେ ତାଗିଦ କରିବା ସ୍ୱାଭାବିକ । ସମସ୍ତେ ଏକ ମନ ଏକ ପ୍ରାଣରେ ସାଂଗଠନିକ ନିର୍ବାଚନ ପ୍ରକ୍ରିୟାକୁ ଓହ୍ଲାଇଛନ୍ତି । ସେହିପରି ଧର୍ମ ନିରପେକ୍ଷତାରେ ବିଶ୍ୱାସ କରନ୍ତି ନବୀନ ପଟ୍ଟନାୟକ । ଏହି ଆଭିମୁଖ୍ୟ ନେଇ ବିଜୁ ଜନତା ଦଳ ଗଠନ ହୋଇଥିଲା । ଧର୍ମ ନିରପେକ୍ଷତାକୁ ଆଗକୁ ନେଇ ଦଳ କିପରି ଯିବ, ତାକୁ ଏବେ ଆହୁରି ଗୁରୁତ୍ୱ ଦିଆଯାଉଛି ।ସବୁବେଳେ ଶୃଙ୍ଖଳାକୁ ପ୍ରାଧାନ୍ୟ ଦେଇ ଆସିଛି ବିଜେଡି । ଯେ କୌଣସି ରାଜନୈତିକ ଦଳ ଶୃଙ୍ଖଳା ଭିତରେ କାର୍ଯ୍ୟ କଲେ ଲୋକଙ୍କ ଆସ୍ଥା ଭାଜନ ହୋଇପାରିବେ । ତେଣୁ ଶୃଙ୍ଖଳିତ ଭାବେ କାମ କଲେ ପୁଣି ଥରେ କ୍ଷମତାକୁ ଫେରିବେ ବୋଲି ବିଶ୍ୱାସ ରଖିଛନ୍ତି ବିଜେଡି ନେତା । ଦଳ ଭିତରେ ମତାନ୍ତର ମନାନ୍ତର ଥାଏ । ଏହାକୁ ଆଗକୁ ନେଇ ଚାଲିଲେ ଦଳ ଚାଲିବ । ଏ ସବୁ କିଛି ଦଳୀୟ ଶୃଙ୍ଖଳା ଉପରେ ନିର୍ଭର କରେ ।

## ପୋଲାଭରମ ପ୍ରକଳ୍ପ: ଶୋଇଛି ଓଡ଼ିଶା, ଧମକାଇ କ୍ଷତି ଭରଣାରେ ସଫଳ ହେଉଛି ତେଲେଙ୍ଗାନା



ଭୁବନେଶ୍ୱର,୧୦।୪(ପି.ଏନ): କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମାଆ ତାରିଣୀ ଏବଂ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମାଆ ମଝିଘରିଆଣିଙ୍କ ପାଖରେ ଆରମ୍ଭ ହୋଇ ସାରିଛି ଚୈତ୍ର ପର୍ବ । ଦୁଇ ପୀଠରେ ସୁନାବେଶରେ ଦର୍ଶନ ଦେଉଛନ୍ତି ମାଆ । ମାଆଙ୍କ ସୁନା ବେଶ ଦେଖିବା ପାଇଁ ମନ୍ଦିରରେ ଲାଗୁଛି ଶ୍ରଦ୍ଧାଳୁଙ୍କ ଭିଡ଼ । ଯାତ୍ରା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥଇବା ବେଳେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି ।ଆଜି ମାଆ ତାରିଙ୍କ ଚୈ?ତ୍ର ପର୍ବର ଦ୍ୱିତୀୟ ଦିନ । ମାଆଙ୍କ ମାଜଣା, ମହାସ୍ନାନ, ବଡ଼ ସିଂହାର ବେଶ ପରେ ରୀତିକାନ୍ତିରେ ଷୋଡ଼ଶ ଉପଚାର ପୂଜା ହୋଇଥିଲା । ଏହାପରେ ସୁନା ବେଶରେ ସଜେଇ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ମାଆ ତାରିଣୀ । ୧୯୩୬ ମସିହାରୁ ମାଆଙ୍କ ଏହି ଚୈଇତି ପର୍ବ ମହା ଆଡ଼ମ୍ବରରେ ପାଳିତ ହୋଇଆସୁଛି । ସାତଦିନ ଦିନ ବ୍ୟାପୀ ପାଳିତ ଏହି ପର୍ବରେ ଧାଡ଼ିରେ ଆସି ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ । ମାଆଙ୍କ ସୁନାବେଶ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।ସେପଟେ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମାଆ ମଝିଘରିଆଣିଙ୍କ ଚୈତ୍ର ପର୍ବ ଆରମ୍ଭ ହୋଇଛି । ୫ ଦିନ ହେବ ମାଆ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ମାଆଙ୍କ ଦର୍ଶନ ପାଇଁ ପଡ଼?ଶୀ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା ଓ ଛତିଶଗଡ଼ ରାଜ୍ୟରୁ ଭକ୍ତଙ୍କ ଭିଡ଼ ଜମୁଛି । ମାଆଙ୍କ ନିକଟରେ ଶ୍ରଦ୍ଧାଳୁ ଛେଳି, କୁକୁଡ଼ା ବଳି ଦେଉଥିବା ବେଳେ ମାନସିକଧାରୀ ମୁଣ୍ଡନ କରାଉଛନ୍ତି । ମାଆଙ୍କ ଏହି ପର୍ବ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଶେଷ ଦିନରେ ପୂଜକ କଣ୍ଢା ଦୋଳିରେ ଝୁଲିବା ସହ ନିଆଁରେ ଚାଲିବେ । ଏହାସହ ଚରୁ ବିତରଣ କରାଯିବ ।

## ହିନ୍ଦୁ ଏକତା ମଞ୍ଚ ଭାରତ ପକ୍ଷରୁ 'ଆମ ଧର୍ମ ଆମ ସଂସ୍କୃତି' ପୁସ୍ତକର ଲୋକାର୍ପଣ ଉତ୍ସବ



ଭୁବନେଶ୍ୱର,୧୦।୪(ପି.ଏନ): ନୂଆବଜାର ପରିସରରେ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ଜେନା ଙ୍କ ଦ୍ୱାରା ରଚିତ 'ଆମ ଧର୍ମ ଆମ ସଂସ୍କୃତି' ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଓଡ଼ିଆ ସାହିତ୍ୟର ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ ।ମାନ୍ୟବର ମନ୍ତ୍ରୀ ତାଙ୍କ ଭାଷଣରେ ଓଡ଼ିଆ ଅସ୍ମିତା, ଆମ ସଂସ୍କୃତି ଓ ପରମ୍ପରା କୁ ସୁଦୃଢ଼ କରିବା ପାଇଁ ଏହିଭଳି ପୁସ୍ତକର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ମନୋଜ ରଞ୍ଜନ ସେଠୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ।ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ବୈଷ୍ଣବ ଚରଣ ସାମଲ ତାଙ୍କ ବକ୍ତବ୍ୟରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ବିଷୟରେ ଆଲୋଚନା କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ଓ ବାବା ବିଶ୍ୱନାଥ ଦାସ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ ।ଏହି କାର୍ଯ୍ୟକ୍ରମରେ ଅନେକ ବୁଦ୍ଧିଜୀବୀ ଏବଂ କାର୍ଯ୍ୟକର୍ତ୍ତା ତେଜ୍ପାଳ ଧେନୁକା ଡକ୍ଟର ପଦ୍ମଲୋଚନ ନାୟକ ସନ୍ତୋଷ ସାହୁ ରୋଜାଲିନ ବସ୍ତିଆ ରଘୁନାଥ ବାରିକ ସୁଶାନ୍ତ ପାତ୍ର ପ୍ରଦୀପ୍ତ ଆଚାର୍ଯ୍ୟ ଟୁଟୁ ପାତ୍ର ବ୍ରଜକିଶୋର ଜେନା,ଟୁଟୁ ନନ୍ଦ ସୁଶୀଲ ପାଲ ସୁଶୀଲ ପ୍ରଧାନ ରମାକାନ୍ତ ନାୟକ ମନୋଜ ପଣ୍ଡା କୁଞ୍ଜ ମୋହନ ସେଠି ରୀନା ଶତପଥି କୈଳାଶ ବସ୍ତିଆ ପୃଥ୍ୱୀରାଜ ରାଉତ ଡକ୍ଟର ପ୍ରଭାତ କୁମାର ସାହୁ ଜୟନ୍ତ ଦାସବାବୁ ଖଟୁଆ, ଡାକ୍ତର ଅକ୍ଷୟ ମିଶ୍ର କାମଦେବ ପାତ୍ର ରାଜେନ୍ଦ୍ର ମହାପାତ୍ର, ପ୍ରଣାକୃଷ୍ଣ ଜେନା ପ୍ରଭାତ ମହାପାତ୍ର ହୃଷିକେଶ ନନ୍ଦ ଜୟନ୍ତୀବାଳା ମହାନ୍ତି ମନୋରଞ୍ଜନ ମହାନ୍ତି, ନୃସିଂହ ଚରଣ ସାମଲ ନିଗମ ଜେନା ପ୍ରଭୃତି ଅଂଶ ଗ୍ରହଣ କରିଥିଲେ ଅଂଶଗ୍ରହଣ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସଂପାଦକ ଶ୍ରୀଯୁକ୍ତ ସୂର୍ଯ୍ୟକାନ୍ତ ନାୟକ, କାର୍ଯ୍ୟକର୍ତ୍ତା ଶ୍ରୀଯୁକ୍ତ ଲଳିତେନ୍ଦୁ କାନୁନଗୋ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ପାଢ଼ୀ,ଉପସ୍ଥିତ ରହିଥିଲେ । ପ୍ରଫେସର ଶ୍ରୀଯୁକ୍ତ ଅର୍ଜୁନ ଚରଣ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବଜାର ଉପରେ ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ହାଣିଲେ ୪-୫ ଜଣ ଦୁର୍ବୃତ୍ତ

ରାଉରକେଲା,୧୦।୪(ପି.ଏନ): ରାସ୍ତା ଉପରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ ଦୁର୍ବୃତ୍ତ । ବାଇକରେ ଆସିଲେ ରାସ୍ତା ଉପରେ ଯୁବକଙ୍କ ଉପରକୁ ସଂଘବଦ୍ଧ ଆକ୍ରମଣ କଲେ । ଯୁବକ ଜଣଙ୍କ ଯେଉଁ ଆଡ଼? ଦୌଡି ଖସିଯିବାକୁ ଚେଷ୍ଟା କଲେ ସବୁ ଆଡୁ ତାଙ୍କୁ ଘେରିଗଲେ ।ଆଉ ଚାରିରୁ ପାଞ୍ଚ ଜଣ ଯୁବକ ଘେରି ଯାଇ ଧାରୁଆ ଅସ୍ତ୍ରରେ ଯୁବକ ଜଣଙ୍କୁ ହାଣିଲେ । ଫଳରେ ଘଟଣାସ୍ଥଳରେ ହିଁ ଯୁବକ ଜଣଙ୍କ ଗୁରୁତର ହୋଇ ପଡିଲେ । ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଘଟଣାଟି ଗତକାଲି ରାତିର ବୋଲି କୁହାଯାଉଛି । ହତ୍ୟାକାଣ୍ଡଟି ରାଉରକେଲା ଛେଣ୍ଡ କଲୋନୀର ଭିଏସଏସ ମାର୍କେଟରେ ଘଟିଛି । ମାର୍କେଟ ଉପରେ ଗୋଡେଇ ଗୋଡେଇ ଯୁବକଙ୍କୁ ହାଣିଛନ୍ତି ୪ରୁ୫ ଜଣ ବ୍ୟକ୍ତି । ଧାରୁଆ ଅସ୍ତ୍ରରେ ହାଣି ଯୁବକଙ୍କୁ ହତ୍ୟା କରାଯାଇଛି ।ମୃତ ଯୁବକଙ୍କ ନାଁ ମୁକେଶ କର । ତାଙ୍କୁ କିଛି ଯୁବକ ସଂଘବଦ୍ଧ ଭାବରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣ ସମୟର ସିସିଟିଭି ଫୁଟେଜ ମଧ୍ୟ ସାମ୍ନାକୁ ଆସିଛି । ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ମୁକେଶ ।କିପରି ପରିସ୍ଥିତିରେ ଏବଂ କେଉଁ କାରଣ ପାଇଁ ହତ୍ୟାକାଣ୍ଡ ଘଟିଲା ତାହା ଜଣାପଡିନାହିଁ । ଅଭିଯୁକ୍ତମାନେ ଫେରାର ଥିବାବେଳେ, ସିସିଟିଭି ଆଧାରରେ ଛେଣ୍ଡ ଥାନା ପୋଲିସ ଘଟଣାର ଛାନଭିନ୍ ଚଳାଇଛି । ରାଉରକେଲା ଛେଣ୍ଡ କଲୋନୀରେ ହତ୍ୟାକାଣ୍ଡ । ଧାରୁଆ ଅସ୍ତ୍ରରେ ହାଣି ଯୁବକଙ୍କୁ ହତ୍ୟା । ମୃତ ଯୁବକର ନାଁ ମୁକେଶ କର । ତାଙ୍କୁ କିଛି ଯୁବକ ସଂଘବଦ୍ଧ ଭାବରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣ ସମୟର ସିସିଟିଭି ଫୁଟେଜ ମଧ୍ୟ ସାମ୍ନାକୁ ଆସିଛି । ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ମୁକେଶ । କିପରି ପରିସ୍ଥିତିରେ ଏବଂ କେଉଁ କାରଣ ପାଇଁ ହତ୍ୟାକାଣ୍ଡ ଘଟିଲା ତାହା ଜଣାପଡିନାହିଁ । ଅଭିଯୁକ୍ତମାନେ ଫେରାର ଥିବାବେଳେ, ଛେଣ୍ଡ ଥାନା ପୋଲିସ ଘଟଣାର ଛାନଭିନ୍ ଚଳାଇଛି । ଭିଏସଏସ ମାର୍କେଟରେ ଗୋଡେଇ ଗୋଡେଇ ହାଣିଲେ ଦୁର୍ବୃତ୍ତ । ମୃତ ଯୁବକ ଟିସ୍କୋ? କଲୋନୀ ଅଞ୍ଚଳର ସୂଚନା । ୪ରୁ୫ ଜଣ ଯୁବକ ବାଇକରେ ଆସି ହତ୍ୟା କରି ଫେରାର ହୋଇଯାଇଛନ୍ତି । ସିସିଟିଭି ଫୁଟେଜ ଆଧାରରେ ପୋଲିସର ତଦନ୍ତ ଜାରି ।

## ୫ ହଜାର କର୍ମୀଙ୍କ ନାଁରେ ମାମଲା କରି ବିଜେପି ସରକାରର ହିଟଲର ଶାସନର ପ୍ରମାଣ ଦେଇଛି: କଂଗ୍ରେସ

ଭୁବନେଶ୍ୱର,୧୦।୪(ପି.ଏନ): ରାଜ୍ୟରେ କଂଗ୍ରେସକୁ ନିଷ୍କ୍ରିୟ କରିବା ଲାଗି ବିଜେପି ରଚିଛି ଷଡଯନ୍ତ୍ର । ପୋଲିସ ସହାୟତାରେ ମିଛ ମାମଲା ରୁଜୁ କରି ଡରାଇବାକୁ ଚାହୁଁଛି ଶାସକ ଦଳ । ଏହା ବିରୋଧରେ ଜୋରଦାର ଲଢେଇ କରିବାକୁ ଆହ୍ୱାନ ଦେଇଛି କଂଗ୍ରେସ । ଦଳର ନେତା, ବିଧାୟକ ଓ ୫ ହଜାର କର୍ମୀଙ୍କ ବିରୋଧରେ ମାମଲା ରୁଜୁ କରି ସରକାର ହିଟଲର ଶାସନର ପରିଚୟ ଦେଇଛନ୍ତି ବୋଲି ଅଭିଯୋଗ କରିଛି ଦଳ ।କଂଗ୍ରେସର ୪୦ ବରିଷ୍ଠ ନେତା, ସମସ୍ତ ୧୪ ବିଧାୟକ ଓ ୫ ହଜାର କର୍ମୀଙ୍କ ବିରୋଧରେ ମାମଲା । ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜଧାନୀର ଲୋୟର ପିଏମଜି ରଣକ୍ଷେତ୍ରରେ ପରିଣତ ହୋଇଥିଲା । ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ହୋଇଥିଲା ଖଣ୍ଡଯୁଦ୍ଧ । ଦଙ୍ଗା, ପୋଲିସକୁ ଆକ୍ରମଣ, ସରକାରୀ ସମ୍ପତ୍ତି ନଷ୍ଟ ଭଳି ଅଭିଯୋଗରେ ସଙ୍ଗୀନ ଦଫା ଲଗାଇ ମାମଲା ରୁଜୁ କରିଛି ପୋଲିସ । ରାଜନୈତିକ ବିକ୍ଷୋଭ ବେଳେ ଏତେ ନେତା ଓ କର୍ମୀଙ୍କ ନାଁରେ ମାମଲା ରୁଜୁ କରାଯିବା ଓଡ଼ିଶା ରାଜନୀତିରେ ବିରଳ ଓ ଆଶ୍ଚର୍ଯ୍ୟଜନକ ଘଟଣା । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଅଭିଯୋଗ କରିଛନ୍ତି, କଂଗ୍ରେସର ସ୍ୱରକୁ ଚାପି ଦେବାକୁ ଓ ନିଷ୍କ୍ରିୟ କରିବାକୁ ପୋଲିସର ସହାୟତା ନେଇଛି ଶାସକ ଦଳ । ଏହା ବିରୋଧରେ କଂଗ୍ରେସ ଜୋରଦାର ଲଢେଇ କରିବ । ରାଜ୍ୟରେ ହିଟଲର ଶାସନ ଚାଲିଛି ବୋଲି କଂଗ୍ରେସ ନେତା ପ୍ରକାଶ ମିଶ୍ର କହିଛନ୍ତି । ଅତ୍ୟାଚାର ବିରୋଧରେ ମୁହଁ ଖୋଲିଲେ ମାମଲା ରୁଜୁ କରୁଛି ପୋଲିସ । ଏହାକୁ ବରଦାସ୍ତ କରାଯିବନି ।ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ମହିଳା ନାବାଳିକା ଅସୁରକ୍ଷିତ । ଏହାକୁ ପ୍ରସଙ୍ଗ କରି ଉଭୟ ବିଧାନସଭା ଭିତରେ ଓ ବାହାରେ କଂଗ୍ରେସ ସଂଗ୍ରାମ କରିଥିଲା । ୫ ହଜାରରୁ ଅଧିକ କର୍ମୀଙ୍କ ବିରୋଧରେ ମାମଲା ପରେ ଶାସକ ଦଳକୁ କଂଗ୍ରେସ ଟାର୍ଗେଟ କରିଥିବାରୁ ଜବାବ ଦେଇଛି ବିଜେପି । ବିଧାୟିକା ସୀମାରାଣୀ ନାୟକ କହିଛନ୍ତି, ସରକାର କାହାର ସ୍ୱର ଚାପିବାକୁ ଉଦ୍ୟମ କରୁନାହାନ୍ତି । କଂଗ୍ରେସ ବିଧାନସଭା ଆଗାରେ ବିକ୍ଷୋଭ ବେଳେ କି କାଣ୍ଡ କରିଛି ତାହା ରାଜ୍ୟବାସୀ ଦେଖିଛନ୍ତି । ଆଇନ ଅନୁସାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

## କେନ୍ଦ୍ର ସରକାରଙ୍କୁ ଘାରିଛି ଟ୍ରେଜେରୀ ଚିନ୍ତା: ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ଆଶଙ୍କାରେ ଲୋକେ



ଭୁବନେଶ୍ୱର,୧୦।୪(ପି.ଏନ): ନିଜ ଟ୍ରେଜେରୀ ଭରିବେ ସିନା ଲୋକଙ୍କୁ ଟଙ୍କାଟିଏ ଛାଡ଼ିବେନି । ୭ ତାରିଖରେ ପେଟ୍ରୋଲ ଓ ଡିଜେଲ ଉପରେ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦନ ଶୁଳ୍କ ୨ ଟଙ୍କା ବୃଦ୍ଧି କଲା କେନ୍ଦ୍ର । ସିଧା ଏହି ଅର୍ଥ କେନ୍ଦ୍ର ସରକାରଙ୍କ ରାଜକୋଷକୁ ଯିବ । ହେଲେ ଲୋକେ କିନ୍ତୁ ଯେଉଁ ମହଙ୍ଗା ମାଡ଼ର ଶିକାର ହେଉଥିଲେ ସେପରି ହେଉଛନ୍ତି । ଅଶୋଧିତ ତୈଳ ଦର ଏବେ କମି ୬୩ ଡଲାରରେ ପହଞ୍ଚିଲାଣି । ଅଭିଯୋଗ ହୋଇଛି, କାଳେ ଲୋକଙ୍କ ଭିତରେ ଖୁଚୁରା ଦର କମିବା ନେଇ ଦାବି ଉଠିବ । ସେଥିପାଇଁ ବିପଣନ କମ୍ପାନୀଙ୍କ ଉପରେ ଶୁଳ୍କ ବୃଦ୍ଧି କରି ଖୁଚୁରା ଦର ଅପରିବର୍ତ୍ତିତ ରଖିଛନ୍ତି ସରକାର । ଆସନ୍ତା ଦିନରେ ଯେତେବେଳେ ଅଶୋଧିତ ତୈଳ ଦର ବଢିଯିବ ତାକୁ ବାହାନା କରି ଖୁଚୁରା ଦର ପୁଣି ବଢାଇବାକୁ ଚକ୍ରାନ୍ତ କରିଛି କେନ୍ଦ୍ର ।ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ଖସି ଖସି ୬୩ ଡଲାରରେ ପହଞ୍ଚିଲାଣି । କାଳେ ଲୋକେ ଖୁଚୁରା ତୈଳ ଦର ଶସ୍ତା କରିବାକୁ ସ୍ୱର ଉଠାଇବେ, ତା'ପୂର୍ବରୁ ଗତ ସୋମବାର ସ୍ୱତନ୍ତ୍ର ଉତ୍ପାଦ ଶୁଳ୍କକୁ ପେଟ୍ରୋଲ ଉପରେ ୧୧ ଟଙ୍କାରୁ ୧୩ ଟଙ୍କା ଓ ଡିଜେଲ ଉପରେ ୮ ଟଙ୍କାରୁ ୧୦ ଟଙ୍କା ବୃଦ୍ଧି କରିଦିଆଗଲା । ଏହି ଅର୍ଥ ରାଜ୍ୟ ଅଂଶ ବାବଦରେ ଡିଭିଜିବିଲ ପୁଲକୁ ନ ଯାଇ ସିଧା ଯିବ କେନ୍ଦ୍ର ସରକାରଙ୍କ ପାଣ୍ଠିକୁ । କେନ୍ଦ୍ର ସରକାର ବାର୍ଷିକ ଏପରି ଟିକସ ବାବଦରେ ପାଉଛନ୍ତି ୫ରୁ ୬ ଲକ୍ଷ କୋଟି ଟଙ୍କା । ଆମେରିକା ଟାରିଫ ଯୁଦ୍ଧ ପ୍ରଭାବରେ ଅଶୋଧିତ ତୈଳ ଦର ଲଗାତାର ଖସି ଚାଲିଛି । ଯେତେବେଳେ ବଢିବ, ପୁଣି ଥରେ ଏହାକୁ ଆଳ କରି ଖୁଚୁରା ଦର ବଢାଇବେ ବୋଲି ଅଭିଯୋଗ ହୋଇଛି । ଗତ ସୋମବାର ତେଲ ଉପରେ ଉତ୍ପାଦ ଶୁଳ୍କ ବଢିବାର ୫ ମିନିଟ୍ ଭିତରେ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଦାମ ୫୦ ଟଙ୍କା ବଢିଲା । ଖଟଏ କ'ଣ ପେଟ୍ରୋଲିୟମ୍ ଉତ୍ପାଦନ ନୁହେଁ କି ବୋଲି ବିଶେଷଜ୍ଞ ପ୍ରଶ୍ନ ଉଠାଇଛନ୍ତି ।ଲଗାତାର ୭୦ରୁ ୮୦ ଡଲାର ବ୍ୟାରେଲ ଥିବାବେଳେ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ବମ୍ପର ଲାଭ କରିଆସୁଛନ୍ତି । ଏବେ ଯେତେବେଳେ ଦର ୬୦ରୁ ୬୫ ଡଲାର ଭିତରେ ରହୁଛି ସେତେବେଳେ କମ୍ପାନୀଙ୍କ ଲାଭ କାହିଁରେ କେତେ । କୋଭିଡ ପୂର୍ବ ସ୍ଥିତିରେ ପେଟ୍ରୋଲ ଲିଟର ଉପରେ କେନ୍ଦ୍ର ସରକାର ୨୨ ଟଙ୍କା ୯୦ ପଇସା ଓ ଡିଜେଲ ଉପରେ ୧୮.୯୦ ପଇସା ଉତ୍ପାଦ ଶୁଳ୍କ ନେଉଥିଲେ । ଏବେ ୨ ଟଙ୍କା ବଢିବା ଦ୍ୱାରା ପେଟ୍ରୋଲ ଉତ୍ପାଦ ଶୁଳ୍କ ମୋଟ ୨୧ ଟଙ୍କା ୯୦ ପଇସା ଓ ଡିଜେଲ ଉପରେ କେନ୍ଦ୍ର ସରକାର ନେଉଛନ୍ତି ୧୭ ଟଙ୍କା ୮୦ ପଇସା ଉତ୍ପାଦ ଶୁଳ୍କ । ମାତ୍ର କୋଭିଡ ପୂର୍ବ ସ୍ଥିତିର ଉତ୍ପାଦ ଶୁଳ୍କ ପରିମାଣଠାରୁ ୧ ଟଙ୍କା କମ । ଖୋଦ ଡିଲର ଆସୋସିଏସନ୍ କହିବା କଥା । ଯଦି ଆହୁରି ଅଶୋଧିତ ତୈଳ ଦର କମିବ ତା'ହେଲେ କେନ୍ଦ୍ର ସରକାର ପୁଣିଥରେ ଉତ୍ପାଦ ଶୁଳ୍କ ବୃଦ୍ଧି କରିପାରନ୍ତି, କିନ୍ତୁ ଦର ଅପରିବର୍ତ୍ତିତ ରହିବ । ଯଦି ବ୍ୟାରେଲ ୬୦ ଡଲାର ଭିତରେ ସ୍ଥିର ରହିବ ତା'ହେଲେ ଖୁଚୁରା ଦାର କମିବା ପାଇଁ ପଦକ୍ଷେପ ନେଇପାରନ୍ତି ।ଏସବୁ କଥାରୁ ଜଣାପଡୁଛି, ସାଧାରଣ ଲୋକଙ୍କ କ୍ରୟ ଶକ୍ତି ବୃଦ୍ଧି କରିବା ଯେପରି କେନ୍ଦ୍ର ସରକାରଙ୍କ ନୈତିକ ଦାୟିତ୍ୱ ନୁହେଁ । ବିକଶିତ ଭାରତ ଦୁହାଇ ଦେଇ ଲୋକଙ୍କୁ ଏକ ପ୍ରକାର ଶୋଷିବା ଭଳି ସ୍ଥିତି ଆଡ଼କୁ ଠେଲି ଦେଉଛନ୍ତି କେନ୍ଦ୍ର ସରକାର ?

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେ।କ' ୧୦ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

–ପ୍ରକାଶକ








# ନିର୍ମାତାଙ୍କ ଉପରେ ଗମ୍ଭୀର ଆରୋପ ଆଣିଲେ କ୍ରିଷ୍ଣା

**କ୍ରିଷ୍ଣା** ମୁଖାର୍ଜୀ ଜଣେ ପ୍ରସିଦ୍ଧ ଟିଭି ଅଭିନେତ୍ରୀ। ସେ ଲୋକପ୍ରିୟ ଧାରାବାହିକ ‘ୟେ ହେ ମୋହବତେଁ’ରେ ଅଭିନୟ କରି ଲୋକପ୍ରିୟ ହୋଇଥିଲେ। ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ଏକ ଦଶନ୍ଧିରୁ ଅଧିକ ସମୟ ଧରି କାମ କରି ଆସୁଥିବା କ୍ରିଷ୍ଣା ତାଙ୍କ କ୍ୟାରିଅରରେ ‘ନାଗିନ୍-୩’,‘କୁଛ ତୋ ହେ: ନାଗିନ୍ ଏକ୍ ନଏ ରଙ୍ଗ ମେଁ’,‘ ଶୁଭ ଶଗୁନ୍’ ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ସିରିଏଲରେ ଅଭିନୟ କରିଛନ୍ତି। ଏବେ କ୍ରିଷ୍ଣା ତାଙ୍କ ଇନଷ୍ଟାଗ୍ରାମ ଆକାଉଂଟରେ ‘ଶୁଭ ଶଗୁନ୍’ର ସେଟରେ ଘଟିଥିବା ଘଟଣାର ଯନ୍ତ୍ରଣାଦାୟକ ଅନୁଭୂତି ସେୟାର କରିଛନ୍ତି। କିଭଳି ‘ଶୁଭ ଶଗୁନ୍’ର ନିର୍ମାତା ସୁଟିଂ ସମୟରେ ତାଙ୍କୁ ନିର୍ଯାତନ ଦେଇଥିଲେ ତାହା ସେ ଏକ ପୋଷ୍ଟ ମାଧ୍ୟମରେ ଲେଖି ଜଣାଇଛନ୍ତି। ନିଜ ଇନଷ୍ଟାଗ୍ରାମ ଆକାଉଂଟରେ ଏକ ପୋଷ୍ଟ ସେୟାର କରି ସେ ଲେଖିଛନ୍ତି ଯେ, ଗତ ଦେଢ଼ ବର୍ଷ ଧରି ମୁଁ ଅନେକ ସମସ୍ୟାର ସାମ୍ନା କରୁଛି। ପୂର୍ବରୁ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ମୋ ପାଖରେ ସାହସ ନଥିଲା। କିନ୍ତୁ ବର୍ତମାନ ମୁଁ ଏହାକୁ ଆଉ ନିଜ ଭିତରେ ଚାପି ରଖିପାରିବି ନାହିଁ। ‘ଶୁଭ ଶଗୁନ୍’ର ନିର୍ମାତା କୁନ୍ଦନ ସିଂଙ୍କୁ ତାଙ୍କ ପୋଷ୍ଟରେ ଟ୍ୟାଗ କରି ଅଭିନେତ୍ରୀ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ପ୍ରଡକ୍ସନ୍ ହାଉସ୍ ଏବଂ ନିର୍ମାତା ବାରମ୍ବାର ହଇରାଣ କରୁଥିଲେ। ୫ମାସର ପାରିଶ୍ରମିକ ନଦେବା ସହ ମେକଅପ୍ ରୁମରେ ବନ୍ଦ କରି ଦେଉଥିଲେ। ଦିନେ ପୋଷାକ ପିନ୍ଧୁଥିବା ବେଳେ ନିର୍ମାତା ଆସି ବହୁତ ଜୋରରେ କବାଟ ବାଡ଼ାଇଥିଲେ, ଲାଗିଲା ଯେମିତି କବାଟ ଭାଙ୍ଗିଯିବ। ଏତେ ସବୁ ପରେ ଯେତେବେଳେ କ୍ରିଷ୍ଣା ସୋ’ ଛାଡ଼ିଲେ ତାଙ୍କୁ ନିର୍ମାତା ଧମକ ଦେବା ଆରମ୍ଭ କରିଥିଲେ, ଯେଉଁ କାରଣରୁ ସେ ଅନ୍ୟ ପ୍ରୋଜେକ୍ଟରେ କାମ କରିବାକୁ ଡରୁଥିଲେ। ହେଲେ ଏବେ ସେ ମୁହଁ ଖୋଲିବା ସହ ମୋତେ ନ୍ୟାୟ ଦରକାର ବୋଲି କହିଛନ୍ତି।

# ଅଲଗା ହେଲେ ଶ୍ରୁତି-ସାନ୍ତନୁ !

**ଦ**କ୍ଷିଣ ଓ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ଶ୍ରୁତି ହସନ। ସେ ଅଭିନୟ କରିବା ସହ ଗୀତ ମଧ୍ୟ ଗାଇବାକୁ ପସନ୍ଦ କରନ୍ତି। ଅନେକ ସମୟରେ ତାଙ୍କ ପେସାଦାର ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହୁଏ। ଅନେକ ସମୟରେ ସେ ନିଜ ପ୍ରେମିକ ସାନ୍ତନୁ ହଜାରିକାଙ୍କ ସହ ଫଟୋ ସେୟାର କରୁଥିବା ଦେଖିବାକୁ ମିଳେ। ତେବେ କିଛି ମାସ ହେଲାଣି ସେ ସାନ୍ତନୁଙ୍କ ସହ ପ୍ରେମ ସମ୍ପର୍କରେ ଥିବା ବେଳେ ଦୁହେଁ ଖୁବଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏବେ ଦୁହିଁଙ୍କ ବ୍ରେକଅପ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଦୁହେଁ ଇନଷ୍ଟାଗ୍ରାମରେ ପରସ୍ପରକୁ ଅନଫଲୋ କରିବା ସହ ଫଟୋ ହଟାଇ ଦେଇଛନ୍ତି। ଏହାକୁ ଦେଖିବା ପରେ ଦୁହେଁ ପରସ୍ପରଠାରୁ ଅଲଗା ହୋଇଥିବା କୁହାଯାଉଛି। ଗତବର୍ଷ ଜାତୀୟ ଗଣମାଧ୍ୟମ ହିନ୍ଦୁସ୍ତାନ ଟାଇମ୍ସ ସହ କଥା ହୋଇ ଶ୍ରୁତି ହସନ କହିଥିଲେ ଯେ, “ବିବାହ ଶବ୍ଦ ମୋତେ ବହୁତ ଭୟଭୀତ କରେ। ଏଥିରେ ବହୁତ କିଛି ଅଛି ଯେଉଁ କାରଣରୁ ମୁଁ ଏହା ବିଷୟରେ ଚିନ୍ତା କରିବାକୁ ଚାହେଁ ନାହିଁ। ମୁଁ ତାଙ୍କ ସହ ରହି ଖୁସି। ତାଙ୍କ ସହଯୋଗରେ ଭଲ କାମ କରୁଛି ଏବଂ ଆମେ ଏକତ୍ର ବହୁତ ଭଲ ସମୟ କାଟୁଛୁ। ଅଧିକାଂଶ ବିବାହ ଅପେକ୍ଷା ଏହା ଭଲ ନୁହେଁ କି ? ଆମେ ପରସ୍ପର ପାଇଁ ଅଛୁ ଏବଂ କଠିନ ସମୟରେ ପରସ୍ପରକୁ ସମର୍ଥନ କରୁଛୁ। ସଂଘର୍ଷ କରୁଥିବା ସମୟରେ ତୁମ ସହ କେହି ଥିଲେ ବହୁତ ଭଲ ଲାଗେ। ଏକାକୀ ସବୁକିଛି ସାମ୍ନା କରିବା ଅପେକ୍ଷା ଏହା ଭଲ। ମୁଁ ଭାବୁଛି ଆମ ଭିତରେ ଯେଉଁଭଳି ସମ୍ପର୍କ ରହିଛି, ତା’ଠାରୁ ଭଲ କିଛି ହୋଇନପାରେ।”



# ପିତାଙ୍କ ପାଇଁ ନେହାଙ୍କ ରୋଡ୍ ଶୋ

**ବ**ଲିଉଡ୍ ଅଭିନେତ୍ରୀ ନେହା ଶର୍ମା ବିହାରରେ ଏକ ରୋଡ୍ ଶୋରେ ଭାଗ ନେଇଥିବା ଦେଖିବାକୁ ମିଳିଛି। ନେହା ତାଙ୍କ ପିତା ଅଜିତ ଶର୍ମାଙ୍କ ସମର୍ଥନରେ ରୋଡ୍ ଶୋ କରିଛନ୍ତି, ଯିଏ କି କଂଗ୍ରେସ ଟିକେଟରେ ଭାଗଲପୁର ଲୋକସଭା ଆସନରୁ ନିର୍ବାଚନ ଲଢୁଛନ୍ତି। ରାଜନୀତିରେ ପ୍ରବେଶ କରିବାର ଚର୍ଚ୍ଚା ମଧ୍ୟରେ ନେହା ସ୍ପଷ୍ଟ କରିଛନ୍ତି ଯେ, ସେ କେବଳ ତାଙ୍କ ପିତାଙ୍କ ପାଇଁ ପ୍ରଚାର କରୁଛନ୍ତି। ନେହା ଶର୍ମା ଇନଷ୍ଟାଗ୍ରାମରେ ବାଙ୍କା, କିଶନଗଞ୍ଜ, କଟିହର ଏବଂ ପୂର୍ଣ୍ଣିୟା ସମେତ ବିହାରର ବିଭିନ୍ନ ଜିଲାରେ ନିଜ ଯାତ୍ରାର ଏକ ଭିଡିଓ ଶେୟାର କରିଛନ୍ତି। ସେ ପାରମ୍ପରିକ ସାଲୱାର କମିଜ୍ ପିନ୍ଧିଥିଲେ ଏବଂ ଜନସାଧାରଣଙ୍କୁ ଅଭିବାଦନ ଜଣାଇବା ସହ ସେମାନଙ୍କୁ ଭୋଟ୍ ଦେବାକୁ ଉତ୍ସାହିତ କରୁଥିବା ଦେଖାବାକୁ ମିଳିଛି। ରୋଡ୍ ଶୋ ସମୟରେ ଅଭିନେତ୍ରୀଙ୍କୁ ପେରପେନ୍ତି ଏବଂ କହଲଗାଓଁରେ ବହୁ ସଂଖ୍ୟକ ଲୋକ ତାଙ୍କୁ ସ୍ୱାଗତ କରିଥିଲେ। ଅନ୍ୟ ଏକ ଭିଡିଓରେ ଅଭିନେତ୍ରୀ ଭାଗଲପୁରରେ ତାଙ୍କ ପିତାଙ୍କ ନିର୍ବାଚନ ପ୍ରଚାରରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ଦେଖାଯାଇଛି।



# ମହାକାଶରେ ଫୁଟିଲା ଜିନିଆ ଫୁଲ

**ଆ**ଗକୁ ମଙ୍ଗଳ ଗ୍ରହ ବା ପୃଥିବୀ ବାହାର ଅନ୍ୟାନ୍ୟ ସ୍ଥାନକୁ ମହାକାଶ ଯାତ୍ରା ନିମନ୍ତେ ମହାକାଶଚାରୀଙ୍କୁ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼ିବ। ତାହାକୁ ଦୃଷ୍ଟିରେ ରଖି ମହାକାଶ ଗବେଷକମାନେ ଅନ୍ତରୀକ୍ଷରେ ଉଦ୍ଭିଦ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହି କ୍ରମରେ ବୈଜ୍ଞାନିକମାନେ ଉଦ୍ଭିଦର ସ୍ଥିତି ସମ୍ପର୍କରେ ୧୯୭୦ ଦଶକରୁ ପରୀକ୍ଷା ନିରୀକ୍ଷା ଚଳାଇ ଆସିଛନ୍ତି। ଆମେରିକାର ମହାକାଶ ଗବେଷଣା ସଂସ୍ଥା ‘ନାସା’ ପକ୍ଷରୁ ୨୦୧୫ ମସିହାରେ ମହାଶୂନ୍ୟରେ ପୃଥିବୀ ଚାରିପଟେ ଘୂରୁଥିବା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଫୁଲ ଗଛ ଲଗାଇବା ଆରମ୍ଭ ହୋଇଥିଲା। ଏହାର ସୁଫଳ ମିଳିଥିବା ଏବେ ଜଣାଯାଇଛି। ସେଠାରେ ଫୁଟିଥିବା ଜିନିଆ ଫୁଲର ଚିତ୍ର ‘ନାସା’ ନିକଟରେ ପ୍ରକାଶ କରିଛି। ‘ମହାକାଶରେ ବଗିଚା’ ଗବେଷଣାର ଅଂଶବିଶେଷ ଏହି ଜିନିଆ ଫୁଲ କେବଳ ପ୍ରଦର୍ଶନୀ ପାଇଁ ନୁହେଁ, ବରଂ ପୃଥିବୀ ବାହାରେ କିପରି ଉଦ୍ଭିଦ ବଢ଼ାଯାଇପାରିବ, ସେ ସଂକ୍ରାନ୍ତ ଜ୍ଞାନ ଆହରଣ ପାଇଁ ତାହା ସହାୟକ ହେବ। ଏହା ଦ୍ୱାରା ଚନ୍ଦ୍ର, ମଙ୍ଗଳ ପରି ପୃଥିବୀ ବାହାରକୁ ଦୀର୍ଘମିଆଦୀ ମହାକାଶ ଯାତ୍ରା ବେଳେ ମହାକାଶଚାରୀଙ୍କୁ ସଜ ଫଳମୂଳ ଯୋଗାଇବାର ମୂଲ୍ୟବାନ ଉତ୍ସ ତତ୍କାଳ ମିଳିପାରିବ। ‘ନାସା’ ମହାକାଶଚାରୀମାନେ ମଧ୍ୟ ପୂର୍ବରୁ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଟମାଟୋ, ବନ୍ଧାକୋବି ଓ କଂଚାଲଙ୍କା ଆଦି ବଢ଼ାଇବା ସହ ଆଗକୁ ଆହୁରି ଅନେକ ଉଦ୍ଭିଦ ବିକଶିତ କରିବାର କାର୍ଯ୍ୟକ୍ରମ ରହିଛି। ମହାକାଶରେ ନଗଣ୍ୟ ବା ଶୂନ ମାଧ୍ୟାକର୍ଷଣ ବଳ ପରିବେଶରେ କିପରି ଏକ ସ୍ୱୟଂକ୍ରିୟ ବଗିଚା ସୃଷ୍ଟି କରିହେବ ସେ ବାବଦରେ ଏହି ଜିନିଆ ଫୁଲ ଫୁଟିବା ଘଟଣା ମହାକାଶଚାରୀଙ୍କୁ ଅଧିକ ଜ୍ଞାନ ଯୋଗାଇବ ବୋଲି ‘ନାସା’ କହିଛି।

# ସପୁରୀ ଜୁସ୍‌ର ଫାଇଦା...

**ଶ**ରୀରକୁ ସୁସ୍ଥ ରଖିବା ପାଇଁ କିଏ ବା ନ ଚାହେଁ। ଶରୀରକୁ ଉପକାର କରୁଥିବା ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନ୍‌ଆପଲ୍ ତଥା ସପୁରୀ ଜୁସ୍। ସପୁରୀ ରସ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠ ଭଲ ମେଡିସିନ। ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନର ଏକମାତ୍ର ଖାଦ୍ୟ ଉତ୍ସ। ଖରାଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ତେବେ ଆସନ୍ତୁ ଜାଣିବା ସପୁରୀ ଜୁସ୍ ପିଇବା ଦ୍ୱାରା କଣ ମିଳିଥାଏ ଫାଇଦା। ସପୁରୀ ଜୁସ୍‌ରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ମିଳେ ଓ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢ଼ିବା ସହିତ ଚର୍ମ ସତେଜ ରୁହେ ଏବଂ କୁଂଚନ ଦେଖାଯାଏ ନାହିଁ। ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ? ପିଅନ୍ତି, ତେବେ ଆପଣଙ୍କ ତ୍ୱଚା ସୁସ୍ଥ ଓ କୋମଳ ରହିବ। ସପୁରୀ ଜୁସ୍‌ରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍-ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଅପ୍ରେଲ ୧୧

# ନିଶା ଦୂରେଇବା, ଜୀବନ ଗଢ଼ିବା


ଦେବରାଜ ପଟ୍ଟନାୟକ

ଓଡ଼ିଶା ସରକାର ଏକ କ୍ରାନ୍ତୀକାରୀ ଓ ସୁନ୍ଦର ଯୋଜନା ପ୍ରଣୟନ କରିଛନ୍ତି ଯାହା ଆମ ଭବିଷ୍ୟତର ଆଗାମୀ ଉଜ୍ଜ୍ୱଳ ତାରାକା କୁହାଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ସଞ୍ଜିବନୀ ଦିଗଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ। ଏଣିକି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ସମୟରେ ବିଧିବଦ୍ଧ ଭାବେ ଏକ ଘୋଷଣାନାମାରେ ଛାତ୍ରଛାତ୍ରୀମାନେ ନିଶା ଖାଇବେ ନାହିଁ ବୋଲି ସ୍ୱାକ୍ଷର କରିବେ। ଯେଉଁଥିରେ ତମାଖୁ ଓ ମଦ୍ୟପାନ ସମେତ ଅନ୍ୟ ନିଶାଦ୍ରବ୍ୟର ଭୟାବହତା ଓ ଉଦବେଗଜନକ ସ୍ଥିତି ସମ୍ପର୍କରେ ଅବଗତ ଥିବା, ଶିକ୍ଷାୟତନ କ୍ୟାମ୍ପସ ଭିତରେ ନିଶା ଦ୍ରବ୍ୟ ସେବନ ନକରିବା ଏବଂ ଏହାସହ ନିଜ ଶିକ୍ଷାୟତନ ପରିସର ଭିତରେ କୌଣସି ନିଶା ଦ୍ରବ୍ୟ ସମ୍ପର୍କିତ କାର୍ଯ୍ୟକଳାପ ସଂଗଠିତ ହେଉଥିଲେ ଏନେଇ ନିଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ସାମଗ୍ରିକ ସଚେତନତାର ସହଯୋଗ ଯୋଗାଇବେ ବୋଲି ଉଲ୍ଲେଖ ରହିବ। ଏହାସହ ଏହି ଘୋଷଣାନାମାରେ ସେମାନଙ୍କ ନାମ, ପିତାଙ୍କ ନାମ, ସେମାନଙ୍କର ପାଠ୍ୟକ୍ରମର ସୂଚନା ଓ କେତେ ବର୍ଷ ପାଇଁ ଶିକ୍ଷା ଗ୍ରହଣ କରିବେ ସେ ନେଇ ଜଣାଇବେ। ନିଶାମୁକ୍ତ ଭାରତ ଅଭିଯାନକୁ ସଫଳ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ଅଧୀନରେ ଥିବା ଉଚ୍ଚଶିକ୍ଷା ବିଭାଗ ଓ କେନ୍ଦ୍ର ସାମାଜିକ ନ୍ୟାୟ ସଶକ୍ତିକରଣ ବିଭାଗ ଏଭଳି ନିଷ୍ପତି ନେଇଛନ୍ତି। ତେବେ ଏହି ଅଭିଯାନ ନିର୍ଶ୍ଚିନ୍ତ ଭାବେ ଆମ ଛାତ୍ର ଓ ଯୁବପିଢ଼ୀଙ୍କୁ ଖରାପ ରାସ୍ତାରୁ ଦୂରେଇ ଅପରାଧିକ କାର୍ଯ୍ୟକଳାପକୁ ଆଉ ସୃଷ୍ଟି କରିବାର ସୁଯୋଗ ମଧ୍ୟ ଦେବନାହିଁ। କ୍ୟାମ୍ପସକୁ ତମାଖୁ ଓ ନିଶାମୁକ୍ତ ସୁନିର୍ଶ୍ଚିତ କରିବାକୁ ଛାତ୍ରଛାତ୍ରୀମାନେ ଘୋଷଣା କରିବେ। କୋଟପା ଆଇନ-୨୦୦୩ ଅନୁଯାୟୀ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଗାଇଡ଼ଲାଇନକୁ କଡ଼ାକଡ଼ି ଲାଗୁ କରିବାକୁ କର୍ତ୍ତୃପକ୍ଷ ସୂଚୀତ କରିଛନ୍ତି। ଏ କ୍ଷେତ୍ରରେ ଜାତୀୟ ସେବା ଯୋଜନା ସଦସ୍ୟମାନେ ସହଯୋଗ କରିବେ। ସରକାରଙ୍କ ଏହି ପଦକ୍ଷେପ ନିଶ୍ଚିନ୍ତ ଭାବେ ଶିକ୍ଷାମହଲ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନିକ କ୍ଷେତ୍ରକୁ ଅତ୍ୟନ୍ତ ଆନନ୍ଦିତ କରିଛି। ଛାତ୍ରଛାତ୍ରୀମାନେ ହେଉଛନ୍ତି ଆମ ସମୟର ଉଜ୍ଜ୍ୱଳତମ ଭବିଷ୍ୟତ। ସେମାନଙ୍କ ପ୍ରତିଭା ଓ ଗୌରବ କେବଳ ସେମାନେ ପିତାମାତା ବା ବିଦ୍ୟାଳୟ ନୁହେଁ ସମଗ୍ର ସମାଜ ପାଇଁ ଆଦର୍ଶଣୀୟ ଅଟେ। ଅନେକ ପିଲାମାନେ ବିପଥଗାମୀ ହୋଇଯାଇଥାନ୍ତି ଏହି ନିଶାଦ୍ରବ୍ୟ ପାଇଁ। ତେବେ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି। ଆସନ୍ତୁ ଆମେ ସମସ୍ତେ ଏକ ନିଶାମୁକ୍ତ ଓ ସୁନ୍ଦର ସୁଜ୍ୱଳ ଶିକ୍ଷାୟତନ ପରିସର ସୃଷ୍ଟି କରିବା, ଆମ ଶିକ୍ଷାୟତନର ଗୌରବ ବଢ଼ାଇବା ସହ ନିଜ ବ୍ୟକ୍ତିତ୍ୱ ଓ ସମୁଜ୍ଜଳ ଭବିଷ୍ୟତ ତିଆରି କରିବା।

*ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମିଶନ ରୋଡ଼, ବକ୍ସି ବଜାର, କଟକ,*
*ଦୂରଭାଷ : ୯୮୬୧୧୮୭୨୧୨*

# ପରମହଂସ ଯୋଗାନନ୍ଦ


ଶରତ କୁମାର ସାହୁ

ବିଂଶ ଶତାବ୍ଦୀର ବିଖ୍ୟାତ ଆଧ୍ୟାତ୍ମିକ ଗୁରୁ, ଯୋଗୀ ଓ ସନ୍ଥ ପରମହଂସ ଯୋଗାନନ୍ଦ। ଭାରତର ଯୋଗ ଦ ସତ୍‌ସଙ୍ଗ ସୋସାଇଟି ଅଫ୍ ଇଣ୍ଡିଆ ଓ ଆମେରିକାରେ ସେଲ୍‌ଫ ରିଅଲାଇଜେସନ୍ ଫେଲୋସିପ୍‌ର ସେ ପ୍ରତିଷ୍ଠାତା। ଜୀବନ ଏକ ଯୋଗ ଏବଂ ଜୀବନର ପ୍ରତି କ୍ଷଣକୁ ଆନନ୍ଦମୟ ଭାବେ ଗଢ଼ି ତୋଳିବାର ବାର୍ତ୍ତା ସେ ଦେଇଥିଲେ। ତାଙ୍କ ଦ୍ୱାରା ଲିଖିତ ଅଟୋବାୟୋଗ୍ରାଫି ଅଫ ଏ ଯୋଗୀ ହେଉଛି ସମଗ୍ର ବିଶ୍ୱର ଏପରି ପୁସ୍ତକ ଯାହା ପ୍ରାୟତଃ ବିଶ୍ୱର ସମସ୍ତ ଭାଷା ଓ ଭାରତର ସମସ୍ତ ପ୍ରାନ୍ତୀୟ ଭାଷାରେ ଅନୁବାଦ ହୋଇଛି ଓ ଏହା ପ୍ରଚୁର ପାଠକୀୟ ଆଦୃତ୍ତି ପାଇଛି। ଯୋଗକୁ ଅତି ସରଳ ସୁଗମ ଭାବେ ସେ ବୁଝାଇ ଦେଇଥିଲେ। ସେ ପ୍ରଥମ ଭାରତୀୟ ଗୁରୁ ଯିଏକି ନିଜ ଜୀବନର ସମସ୍ତ କାର୍ଯ୍ୟ ପାଶ୍ଚାତ୍ୟରେ କରିଥିଲେ। ୧୭ ବର୍ଷ ବୟସରେ ଗୁରୁ ସ୍ୱାମୀ ଯୁକ୍ତେଶ୍ୱର ଗିରିଙ୍କୁ ଭେଟିବା ପରେ ତାଙ୍କ ଜୀବନର ଗତିପଥ ବଦଳି ଯାଇଥିଲା। ସମଗ୍ର ଆମେରିକା ଭ୍ରମଣ କରି ଭାରତୀୟ ଦର୍ଶନ ଓ କ୍ରିୟାଯୋଗର ସେ ପ୍ରଚାର କରିଥିଲେ। ଭାଷଣ, ପୁସ୍ତକ ରଚନା ଆଦି କାର୍ଯ୍ୟରେ ସେ ଜୀବନ ବିତାଇଥିଲେ। ଅଟୋବାୟୋଗ୍ରାଫି ଅଫ ଏ ଯୋଗୀର ସେ ରଚୟିତା, ଯାହା ଏକ ଲୋକପ୍ରିୟ ଆଧ୍ୟାତ୍ମିକ ଗ୍ରନ୍ଥ ଭାବେ ପରିଗଣିତ। ଓଡ଼ିଶାରେ ଏହା ଯୋଗୀର ଆତ୍ମଚରିତ ନାମରେ ଅନୁଦିତ ହୋଇଛି। ମୁକୁନ୍ଦଲାଲ ଘୋଷ ନାମରେ ୧୮୯୩ ଜାନୁଆରୀ ଆଜିର ଦିନ ଉତ୍ତରପ୍ରଦେଶର ଗୋରଖପୁର ଠାରେ ପରମହଂସ ଯୋଗାନନ୍ଦ ଜନ୍ମ ଗ୍ରହଣ କରିଥିଲେ।

'ଉପକରଣ ହାଉସ' ଚଣ୍ଡୀଖୋଲ,
ଯାଜପୁର, ମୋ: ୯୪୩୭୦୫୧୫୪୩

# ଛିଙ୍କ ଅଟକାଉଛନ୍ତି କି ?


ନାରାୟଣ ଚନ୍ଦ୍ର ବିଶ୍ୱାଳ

ସମସ୍ତଙ୍କର ଛିଙ୍କ ଆସେ। ଛିଙ୍କକୁ ନେଇ ଅନେକ କଥା ମଧ୍ୟ ରହିଥାଏ। ଏହି ଯେମିତି ଶୁଭ, ଅଶୁଭ ଏହିପରି। ତେବେ ଛିଙ୍କକୁ କେବେ ହେଲେ ଅଟକାଇବା ପାଇଁ ଚେଷ୍ଟା କରନ୍ତୁନାହିଁ ଏହା ଅତ୍ୟନ୍ତ ବିପଦଜ୍ଜନକ ସାବ୍ୟସ୍ତ ହୋଇପାରେ। କେବଳ ଏତିକି ନୁହେଁ ଅକାଳରେ ଆପଣଙ୍କ ଜୀବନ ମଧ୍ୟ ଚାଲିଯାଇପାରେ। ନିକଟରେ ଏକ ଘଟଣା ଯାହା ବିଶ୍ୱର ପ୍ରଥମ ଓ ବିରଳ ଘଟଣା ଭାବେ ବିଚାର କରାଯାଉଛି। ଜଣେ ବ୍ୟକ୍ତି କାର ଚଳାଇବା ସମୟରେ ପ୍ରଥମେ ତାଙ୍କୁ ଜ୍ୱର ଅନୁଭୂତ ହେଲା। ପରେ ପରେ ତାଙ୍କୁ ଅଶ୍ୱସ୍ତିକର ଲାଗିଲା ଓ ଛିଙ୍କ ମଧ୍ୟ ଲାଗିଲା। ସେ ବାରମ୍ବାର ଛିଙ୍କରେ ଅସ୍ତବ୍ୟସ୍ତ ହୋଇପଡ଼ିବାରୁ ଛିଙ୍କକୁ ରୋକିବା ପାଇଁ ନାକକୁ ଚାପି ପାଟି ବନ୍ଦ କରିଦେଲେ ଯାହାର ଫଳ ସ୍ୱରୂପ ଛିଙ୍କର ପ୍ରବଳ ପ୍ରେସର ତାଙ୍କ ଶ୍ୱାସନଳୀକୁ ଅସମ୍ଭାଳ ପରିସ୍ଥିତି ଭିତରକୁ ଠେଲି ତାଙ୍କ ଜୀବନ ଦୀପକୁ ନିର୍ବାପିତ କରିଦେଲା। ସେହି ଭଦ୍ରବ୍ୟକ୍ତିଙ୍କ ଶ୍ୱାସନଳୀର ମାପ ୦.୦୮ ଇଞ୍ଚ ଥିଲା। ନାକ ଓ ପାଟି ଜୋରରେ ବନ୍ଦ କରିବା ଫଳରେ ଉକ୍ତ ବ୍ୟକ୍ତିଙ୍କ ବାୟୁ ପଥ ବନ୍ଦ ହୋଇଯାଇଥିଲା। ତେବେ ଛିଙ୍କଟି ସାଧାରଣ ଅପେକ୍ଷା ୨୦ଗୁଣ ଅଧିକ ଶକ୍ତିଶାଳୀ ଥିଲା। ଚାପ ଫଳରେ ଶ୍ୱାସନଳୀରେ ୨ ମିଲିମିଟର ଛିଦ୍ର ସୃଷ୍ଟି ହୋଇଥିଲା। ଯନ୍ତ୍ରଣା ଅସହ୍ୟ ହେବାରୁ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କୁ ନିଃଶ୍ୱାସ ନେବା, କଥାବାର୍ତ୍ତା କିମ୍ବା ଗିଳିବାରେ କୌଣସି ଅସୁବିଧା ହେଉ ନଥିଲା। ଉକ୍ତ ବ୍ୟକ୍ତିଙ୍କର ସର୍ଜିକାଲ ଏମ୍ଫିସେମା ରୋଗ ଥିବା ଏକ୍ସ-ରେ ଦ୍ୱାରା ଜଣାପଡ଼ିଥିଲା। ଏହା ଏପରି ଏକ ରୋଗ ଯେଉଁଠାରେ ଚମଡ଼ାର ଟିସ୍ୟୁ ସ୍ତର ପଛରେ ପବନ ରହିଥାଏ। ତାଙ୍କୁ ଫୁସଫୁସ ଏବଂ ଛାତି ଭିତରେ ମଧ୍ୟ ପବନ ରହିଥିଲା। ନାକ ଓ ମୁହଁ ବନ୍ଦ କରି ଛିଙ୍କ ଅଟକାଇବା ଦ୍ୱାରା ଏପରି କ୍ଷତି ହୋଇଥିବା ସିଟି ସ୍କାନରୁ ଜଣାପଡ଼ିଥିବା ଡାକ୍ତରମାନେ ପ୍ରକାଶ କରିଛନ୍ତି। ଆମ ଭିତରେ ଅନେକ ଥାଆନ୍ତି ତଥାକଥିତ ସଚେତନ, ଏ ସବୁ ବିପଦ ଜାଣନ୍ତି ତାହା ସତ୍ତ୍ୱେ ଏପରି ଅଭାବନୀୟ ବିପଦକୁ ନିମନ୍ତ୍ରଣ କରନ୍ତି। ଛିଙ୍କ ଏକ ସ୍ୱାସ୍ଥ୍ୟଗତ ପ୍ରାକୃତିକ ବର୍ହି ଶ୍ୱାସପ୍ରଶ୍ୱାସ ପ୍ରଣାଳୀର ଅନ୍ୟତମ ଅଂଶ। ତେବେ ଏହାକୁ ରୋକିବା ଅତ୍ୟନ୍ତ ବିପଦଜନକ। ଛିଙ୍କକୁ ନେଇ ଆପଣ ସ୍ଥାନ, କାଳ ପାତ୍ର ପ୍ରସଙ୍ଗ ଚିନ୍ତା କରନ୍ତୁନାହିଁ। ସବୁବେଳେ ମନେ ରଖନ୍ତୁ ଆପଣଙ୍କର ନାକର ଦୁଇପୁଡା ଯେପରି ପରିଷ୍କାର ରହିବ ଏ ଦିଗକୁ ଦେଖନ୍ତୁ। ଥଣ୍ଡା ବା ସର୍ଦ୍ଦି ବା ନାକରେ ସିଂଘାଣି ରହୁଥିଲେ ଏହାକୁ ନିୟମିତ ସଫା କରନ୍ତୁ। ନାକ ଭିତରେ ସବୁବେଳେ କାଠି ବା ଅନ୍ୟ କୌଣସି ପତଳା ଜିନିଷ ପୁରାଇ ଛିଙ୍କନ୍ତୁ ନାହିଁ ବା ନାକ ଭିତରୁ ତୀବ୍ରଗତିରେ ନାକର ଅଭ୍ୟନ୍ତର ଅଙ୍ଗକୁ ସଫା ରଖିବା ପାଇଁ ପ୍ରଚେଷ୍ଟା କରନ୍ତୁନାହିଁ। କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ'
କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,
ଦୂରଭାଷ : ୯୪୩୮୨୭୬୭୬୦

# ଋଣ ଭାରାରେ ରାଷ୍ଟ୍ର


ଉମାଶଙ୍କର ପ୍ରସାଦ

ଅର୍ଥନୀତି ହେଉଛି ପ୍ରତ୍ୟେକ ରାଷ୍ଟ୍ରର ସମସ୍ତ ନୀତି ମଧ୍ୟରେ ପ୍ରମୁଖ ନୀତି। ବିନା ଅର୍ଥନୀତିରେ ଶାସନତନ୍ତ୍ରର ଚକ ଇଂଚେହେଲେ ଗଡିପାରେନି। ମାତ୍ର ଦୁଃଖ ଓ ପରିତାପର ବିଷୟ ଆମଦେଶର ଅର୍ଥନୀତି ଆଜି ବିପର୍ଯ୍ୟୟ। ଫଳରେ ରାଷ୍ଟ୍ର ଆଜି ଋଣଜନ୍ତାରେ କବଳିତ। ଆମ ରାଷ୍ଟ୍ର ଭାରତବର୍ଷ ବିଶ୍ୱର ବହୁ 'ଅର୍ଥ ପ୍ରତିଷ୍ଠାନ ଏବଂ ବନ୍ଧୁ ରାଷ୍ଟ୍ରମାନଙ୍କ ପଖରୁ ଅପର୍ଯ୍ୟାପ୍ତ ପରିମାଣର କୋଟି କୋଟି ଡଲାର ଅର୍ଥ ରାଶି ଋଣ ଆଣି ବିଭିନ୍ନ ପ୍ରକାର ସମାଜ କଲ୍ୟାଣ କାମରେ ବିନିଯୋଗ କରୁଛି। ଆମେ ବିଦେଶକୁ ବହୁ ପରିମାଣରେ ବିବିଧ ପ୍ରକାର ସାମଗ୍ରୀ ଏବଂ ସେବା ପ୍ରେରଣ କରି ଆର୍ଥିକ ଦେଣନେଣ କ୍ଷେତ୍ରରେ ଆମର ଯେଉଁ ଧାରା ବଜାୟ ରଖିପାରିଛେ ତାହାହିଁ ଆମ ଦେଶବାସୀଙ୍କୁ ଯଥେଷ୍ଟ ଉତ୍ସାହ ଆଣି ଦେଇଥିଲେ ସୁଦ୍ଧା ଆମେ ବାହାସ୍ଫୋଟ ମାରି କହିପାରିବାନି ଯେ ଆମେ ଖୁବ୍ ସ୍ୱଚ୍ଛଳ। ଆମକୁ ମୋଟେ ଅଭାବ ଛୁଇଁ ପାରିନାହିଁ। ସତକହିବାକୁ ଗଲେ ଆମେ ତଥା ଆମ ଦେଶ ବ ର୍ତ୍ତମାନ ଋଣ ଭାରାରେ ଉବୁଟୁବୁ। ଆମେ ଏକ ଋଣିରାଷ୍ଟ୍ର ଭାବେ ସାରା ବିଶ୍ୱରେ ପରିଚିତ ହୋଇଛେ। 'ଅର୍ଥାତ ଋଣଂ କୃତ୍ୱା ଘୃତଂ ପିବେତ ନୀତିକୁ ଆମେ ଆପଣେଇ ନେଇଛେ। ଆମ ଋଣ ସମମସ୍ୟାର ଇତିହାସକୁ ତର୍ଜମା କଲେ ଜଣାଯାଏ, ୧୯୯୧ ମସିହାରେ ପ୍ରଥମେ ଯେତେବେଳେ ଆର୍ଥିକ ସଂସ୍କାର ପ୍ରକ୍ରିୟା ଆରମ୍ଭ ହୋଇଥିଲା ଆମେ ସେତେବେଳେ ଦାରିଦ୍ର୍ୟର ଶକ୍ତି ପୀଠ ଉପରେ ଥାଇ ସୁଦ୍ଧା ଆନନ୍ଦରେ ନାଚି ଉଠିଥିଲେ। ମନେ ହେଲା ଯେପରି ଦୈନ୍ୟ ଅନ୍ଧକାର ଏଠାରୁ ଧୀରେ ଧୀରେ ଦୂରେଇ ଯାଉଛି। କାହିଁକିନା ଆମେ ଆମ ଆମଦାନୀ ନୀତିରେ କୋହଳତା ଅବଲମ୍ବନ କରିବା ସହ ଆର୍ଥିକ ପ୍ରଗତିରେ ଇନ୍ଧନ ଯୋଗାଇବା ପାଇଁ ଆମେ ବିଶ୍ୱ ଅର୍ଥଋଣଦାତାଙ୍କ ପାଖରୁ ଅଧିକ ଋଣ ଆଣିବାପାଇଁ ଧାଇଁଲେ। ୧୯୯୧ ମସିହାରେ ସମୁଦାୟ ମୋଟ ବୈଦେଶିକ ଅର୍ଥ ପ୍ରାପ୍ତି ହିସାବକୁ ଦେଖିଲେ ସେତେବେଳେ ଋଣ ସେବା ହାର ୩୨.୩ ପ୍ରତିଶତ ଥିଲା। ୨୦୦୧ ମସିହା ସେପ୍ଟେମ୍ବର ମାସରେ ଏହା ୧୩ ପ୍ରତିଶତ କୁ ହ୍ରାସ ପାଇ ଆସିଲା। ସେତେବେଳେ ଏହାକୁ ଏକ ସ୍ୱଚ୍ଛଅବସ୍ଥା ବୋଲି ମନେକରାହେଲା। ୧୯୯୦-୨୦୦୦ ସେହି ଏକ ଦଶନ୍ଧି ମଧ୍ୟରେ ଆମର ଅର୍ଥନୀତି ଭାରତର ମ୍ୟୁଚୁଆଲ ଫଣ୍ଡ, ବିଶ୍ୱବ୍ୟାଙ୍କ ଏବଂ ଏଗୁଡିକର ଅର୍ଥ ସହାୟତା ଉପରେ ନିର୍ଭର କରୁଥିଲା। ଫଳରେ ୨୦୦୦ ମସିହାରେ ଆମର ସମୁଦାୟ ଋଣର ପରିମାଣ ଆମେରିକୀୟ ଡଲାର ହିସାବରେ ୧୦୦.୪ ବିଲିୟନ ଡଲାରକୁ ଛୁଇଁଥିଲା। ୨୦୦୨-୨୦୦୩ ରେ ଏହାର ପରିମାଣ ସେହି ଆମେରିକୀୟ ଡଲାର ହିସାବରେ ୭୦.୯ ଡଲାର ହେଲା ଯାହାକି ରିହାତି ଋଣର ୪୩.୭ ପ୍ରତିଶତ ଅଟେ। ଏହାର ପରିମାଣରେ ହ୍ରାସ ଘଟିଥିବାରୁ ବିଶ୍ୱବ୍ୟାଙ୍କ ଅବଗଣନାରେ ବିଦେଶୀ ଋଣ କ୍ଷେତ୍ରରେ ଭାରତର ସ୍ଥିତି ବିଶ୍ୱରେ ସ୍ୱଳ୍ପ ଋଣଗ୍ରସ୍ତ ରାଷ୍ଟ୍ରରୂପେ ତାଲିକାଭୁକ୍ତ ହୋଇଥିଲା। ବିଶ୍ୱ ସମୁଦାୟ ଆର୍ଥିକ କାଳର ଋଣଗ୍ରହୀତା ଭାବେ ରାଷ୍ଟ୍ରଗୁଡ଼ିକୁ ତିନୋଟି କ୍ଷେତ୍ରରେ ବିଭକ୍ତ କରାଯାଇଛି। ଯାହା ବୈଦେଶିକ ଋଣକୁ ଭିତିକରି ଦର୍ଶାଯାଇଛି। ସେଗୁଡିକ ହେଲା ୧-ଉଚ୍ଚ ଋଣଗ୍ରସ୍ତ ରାଷ୍ଟ୍ର, ଦ୍ୱିତୀୟରେ ସାଧାରଣ ଋଣଗ୍ରସ୍ତ ରାଷ୍ଟ୍ର, ତୃତୀୟ ବା ଶେଷ ସ୍ତରରେ ସ୍ୱଳ୍ପ ଋଣଗ୍ରାହୀ ରାଷ୍ଟ୍ର। ଚଳିତ ଋଣ ହିସାବ ଖାତାକୁ ଦେଖିଲେ ଅନୁମେୟ ହୁଏ, ୧୯୯୦-୯୧ ରେ ଆମର ଋଣ ସେବା ଥିଲା ୩୫.୩ ପ୍ରତିଶତ। ୧୯୯୮-୯୯ ରେ ଏହି ପ୍ରତିଶତ ୧୫.୪ ପ୍ରତିଶତ କୁ ଖସି ଆସିଥିଲା। ଏହାକୁ ଅର୍ଥନୀତିରେ ସୁସ୍ଥ ସୁଚନା ବୋଲି କହିବାକୁ ପଡିବ। କିନ୍ତୁ ବ ର୍ତ୍ତମାନ ହିସାବ ଖାତାକୁ ଦେଖିଲେ ଆମ ଦେଶର ଜନସଂଖ୍ୟା ୧୪୦ କୋଟିରେ ପହ ଞ୍ଚିଲାଣି। ବ ର୍ତ୍ତମାନ ଜନ୍ମିତ ଶିଶୁ ଠୁ ବୟସ୍କ ଙ୍କ ମୁଣ୍ଡ ପିଛା ଏକ ଲକ୍ଷରୁ ଅଧିକ ଋଣ। କେନ୍ଦ୍ର ସରକାର ବ ର୍ତ୍ତମାନ ସଂସଦରେ ନିଷ୍ପତି ନେଇଛନ୍ତି ୨୦୨୩-୨୪ ବର୍ଷପାଇଁ ୧୫.୦୩ ଲକ୍ଷ କୋଟିର ନୂତନ ଋଣ କରିବେ। ସେଥିପାଇଁ ବଜେଟରେ ଏହାର ଅଂଶ ର ପରିମାଣ ୩୪.୩୨ ପ୍ରତିଶତ ରଖାଯାଇଛି। ଆଗରୁ କେନ୍ଦ୍ର ସରକାର ୧୫୨.୬ ଲକ୍ଷ କୋଟିର ଋଣ ବ୍ୟବହାର କରିଛନ୍ତି। ନରେନ୍ଦ୍ର ମୋଦୀ ସରକାର ୧୦୬ ଲକ୍ଷ କୋଟିର ଋଣ କରିଛନ୍ତି ଯାହାର ସୁଧ ବାବଦକୁ ୧୦.୮ ଲକ୍ଷ କୋଟି ବାର୍ଷିକ ଭରଣା କରିବାକୁ ପଡୁଛି। ଯଦି କେନ୍ଦ୍ର ସରକାରଙ୍କ ର ଏଭଳି ଋଣକରିବା ପ୍ରକ୍ରିୟାକୁ ତର୍ଜମା କରାଯାଏ ତେବେ ପ୍ରତି ସେକେଣ୍ଡରେ କେନ୍ଦ୍ର ସରକାର ୪ଲକ୍ଷ ଟଙ୍କାର, ଏବଂ ୨.୪ କୋଟି ପ୍ରତି ମିନିଟରେ, ୧୪୪ କୋଟି ପ୍ରତି ଘଂଟାରେ , ୩୪୫୬ କୋଟି ପ୍ରତିଦିନ, ଏବଂ ୧.୦୩ ଲକ୍ଷ କୋଟି ପ୍ରତି ମାସରେ, ଏବଂ ୧୨.୪୭ କୋଟି ପ୍ରତି ବର୍ଷ ଏବଂ ୧୦୬ କୋଟି ଋଣ ଆଠ ବର୍ଷରେ କରିଛନ୍ତି। ଦେଶ ସ୍ୱାଧୀନ ହେବାର ୭୦ ବର୍ଷ ଭିତରେ ୧୪ ଜଣ ପ୍ରଧାନ ମନ୍ତ୍ରୀ ସେମାନଙ୍କର ଶାସନ କାଳଖଣ୍ଡ ରେ ୫୫,୮୭,୧୪୭ କୋଟି ଋଣ କରିଥିବା ବେଳେ ମାନ୍ୟବର ପ୍ରଧାନ ମନ୍ତ୍ରୀ ତାଙ୍କର ଆଠ ବର୍ଷ ଶାସନ କାଳରେ ୧୦୬ ଲକ୍ଷ କୋଟିର ଋଣ କରିଛନ୍ତି। ପ୍ରାକ୍ତନ ପ୍ରଧାନମନ୍ତ୍ରୀ ତାଙ୍କ ସମୟରେ ୮୩,୦୦୦ କୋଟି ବାର୍ଷିକ ଋଣ କରିଥିବା ବେଳେ ବ ର୍ତ୍ତମାନର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ମାସିକ ୧.୦୩ ଲକ୍ଷ କୋଟି ଋଣ କରୁଛନ୍ତି। ଯଦି ଭାରତର ଜି.ଡି.ପି କୁ ତୁଳନା କରାଯାଏ ତେବେ ୨୦୧୯ ରେ ନ୍ୟାସନାଲ ଡେବ୍‌ଟ ଟୁ ଜି.ଡି.ପି ରେସିଓ ଏହିପରି ଥିଲା ୭୫.୪%-- ୨୦୨୦ ରେ ୮୫.୫୩%, ୨୦୨୧ ରେ ୮୪.୬୮%, ଏବଂ ୨୦୨୨ ରେ ୮୩.୧୩% ଥିଲା। ଡିସେମ୍ବର ୨୦୨୨ ସୁଦ୍ଧା ଭାରତର ସମୁଦାୟ ଋଣ ର ପରିମାଣ ଥିଲା ୧, ୬୩୭, ୫୩୪.୬୨୮ ଏବଂ ୨୦୨୨ ସେପ୍ଟେମ୍ବରରେ ଋଣ ଥିଲା ୧,୬୦୮, ୦୪୨.୦। ସେହିପରି ଆମ ରାଜ୍ୟ ମଧ୍ୟ ଋଣ ଜନ୍ତାରେ ପଡିଛି। ଏହାର ଋଣ ଭାର ୨୨.୦୪୨ (୨୦୨୧-୨୨) ଆର୍ଥିକ ବର୍ଷରେ ଥିବା ବେଳେ ଅତିତ ୧୨ ବର୍ଷ ରେ ଏହା ଦ୍ୱିଗୁଣିତ ହୋଇ ୨୨.୮୨୭.୫୪ ରେ ଅର୍ଥାତ ବ ର୍ତ୍ତମାନ ଆର୍ଥିକ ବର୍ଷରେ ପହଂଚିଛି। (ଓଡିଶା ପୋଷ୍ଟ)। ୧୯୯୯-୨୦୦୦ ରେ ପର କ୍ୟାପିଟା ଋଣ ଭାର ରଜ୍ୟର ଥିଲା ୪,୯୧୮ ଯେତେବେଳେ ପର କ୍ୟାପିଟା ଇନକମ ଥିଲା ୧୩.୦୧୨। ରାଜ୍ୟର ସମୁଦାୟ ଋଣ ଭାର ୧.୦୩ ଲକ୍ଷ କୋଟି ଯାହା ବିଭିନ୍ନ ସଂସ୍ଥା ଯାହା ହେଲା ୬୩୪୭ କୋଟି ବିଦେଶୀ ଏଜେନ୍ସି ଙ୍କ ଠାରୁ , ୫୩,୩୮୫ କୋଟି ଇନ୍ଟରନ୍ୟାସନାଲ ସୋର୍ସରୁ ଯଥା ଖ୍ୟାମ୍ପା, ଓଏମବିଏଡଡିସି, ୱାର୍ଲଡ ବ୍ୟାଙ୍କ , ଏସିଆନ ଡେଭଲପମେଂଟ ବ୍ୟାଙ୍କ , ଇନଟର ନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲ୍‌ଚର ଏବଂ ବ୍ରିକ୍ସ ବ୍ୟାଙ୍କ ଓ ନାବାର୍ଡ ପ୍ରଭୃତିରୁ ୧୫,୬୨୩ କୋଟି ଋଣ କରିଛି। ବ ର୍ତ୍ତମାନ ଆମ ଭାରତ ସରକାରଙ୍କର ଆଉଟ ଷ୍ଟାଣ୍ଡିଙ୍ଗ ଆଭ୍ୟନ୍ତରିଣ ଓ ବାହ୍ୟିକ ରୁଣର ପରିମାଣ ୧୯୬,୭୮,୭୭୨.୬୮ ଅଛି ଯାହା ୨୦୨୪-୨୫ ତୁଳନାରେ ଯଥେଷ୍ଟ ଅଧିକ ଯାହା ଆମ ପାଇଁ ଚିନ୍ତାର କାରଣ।

ଯଦି ଅନ୍ୟାନ୍ୟ ଦେଶ କୁ ତୁଳନା କରଯାଏ ହଂକଂ ଏଭଳି ଏକ ଦେଶ ଯାହାକୁ ଋଣ ମୁକ୍ତ ଦେଶ କୁହାଯାଇପାରେ। ଏବେ ଆମ ଭାରତ ବର୍ଷ ଯଦିଓ ଏକ ଆର୍ଥିକ ଶକ୍ତିରେ ଉଭା ହୋଇଛେ ମାତ୍ର ଆମେ ଆମର ଋଣ ଜନ୍ତାରୁ ମୁକୁଳି ପାରିନୁ। ଆମେ ଅର୍ଥ ସାହାଯ୍ୟ କରିବାରେ ବାହାରେ ବଦାନ୍ୟତାର ରାଷ୍ଟ୍ରରେ ପହଂଚିଲେଣି, ତଥାପି ଆମକୁ ଏଭଳି କିଛି ଆଖିଦୃଶିଆ ପଦକ୍ଷେପ ନେଇ ଋଣମୁକ୍ତ ହେବାପାଇଁ ଯୋଜନା ପ୍ରସ୍ତୁତ କରିବାକୁ ପଡିବ।

*ଖୋର୍ଦ୍ଧା*
*ମୋ: ୬୩୭୦୬ ୭୫୫୬୨*

# କିଏ କନଫିଉଜ କିଏ ଡିଫିଉଜ


କାଳି ଦାସ

ଗଣତନ୍ତ୍ରର ନିର୍ବାଚ଼ନ ହେଲା ମହାପର୍ବ।ସଂସଦ ହେଲା ମନ୍ଦିର।ଆଗ କୁ ଆସୁଛି ୨୦୨୪, ଭାରତର ନିର୍ବାଚ଼ନ।ନିର୍ବାଚ଼ନର ନିର୍ଦ୍ଧିଷ୍ଟ ସମୟ ପୂର୍ବ ରୁ ବିଭିର୍ନ୍ନ ରାଜନୈତିକ ଦଳ ର ପାର୍ଥୀ ମାନେ ନିଜର ନାମାଙ୍କନ ପତ୍ର ଦାଖଲ କରିବେ। ନାମାଙ୍କନ ପତ୍ର କୁ ଦାଖଲ କରିବା ର ସମୟ ନିର୍ଦ୍ଧାରିତ କରିବେ ନିର୍ବାଚ଼ନ କମିଶନର।୨୦୧୪ ନିର୍ବାଚ଼ନ ରେ ବିଜେପି ଜିତିଥିଲା।ନିର୍ବାଚ଼ନ ସମୟ ରେ ରାଜନୈତିକ ଦଳ ମାନେ ନିଜ ଘୋଷଣାପତ୍ର ଜାରି କରିଥାନ୍ତି।ସେଥିରେ ଅନେକ ପ୍ରତିଶ୍ରୃତି ମଧ୍ୟ ଦେଇଥାନ୍ତି।ବିଗତ ଦିନ କେନ୍ଦ୍ର ସରକାରଙ୍କ ତରଫ ରୁ ଭୋଟର୍ସଙ୍କ ପାଇଁ ଅନେକ ଯୋଜନା ଅଣାଯାଇଥିଲା ଯେମିତି କି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା,ବେଟି ବଚ଼ାଓ ବେଟି ପଢାଓ , ଜନଧନ ଯୋଜନା ଇତ୍ୟାଦି।ଏ ସମସ୍ତ ଯୋଜନା ଆଶା ଅନୁରୂପ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ୨୦୧୪ ନିର୍ବାଚ଼ନ ପରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିଜ ଶପଥ ଗ୍ରହଣ ଅବସର ରେ ଗଣମାଧ୍ୟମ କୁ କହିଥିଲେ କି ଖରାପ ଦିନ ଗଲା ଏବେ ଆଚ଼୍ଛାଦିନ ଆସିବ କିନ୍ତୁ ସାଧାରଣ ଭୋଟରଙ୍କ ପାଇଁ ଆଚ଼୍ଛା ଦିନ କେବେ ହେଲେ ଆସିପାରିଲା ନାହିଁ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ଶପଥ ଗ୍ରହଣ ଅବସର ରେ ଏହା କହିଥିଲେ ଯେ ୧୫୦ ଦିନ ଭିତରେ କଳାଧନ ନେଇ ଆସିବେ।୧୫୦ ଦିନ ପାର ହୋଇଗଲା କିନ୍ତୁ କାଳାଧନ ଆସିପାରିଲା ନାହିଁ।ନରେନ୍ଦ୍ର ମୋଦୀ ୨୦୧୪ ନିର୍ବାଚ଼ନ ସମୟ ପୂର୍ବ ରୁ କହିଥିଲେ କି ବିଜେପି ସରକାର ଆସିଲେ ପେଟ୍ରୋଲ ଡିଜେଲ ଦର କମିବ ଯାହାକି କେବେ ହେଲେ ହୋଇପାରିଲା ନାହିଁ ।ବର୍ତ୍ତମାନ ପେଟ୍ରୋଲ ଡିଜଲ ର ଦରଦାମ ଆକାଶଛୁଇଁଛି ।ପେଟ୍ରୋଲ ଡିଜଲ ର ଦର ବଢିଗଲେ ଆମ ର ନୈଦିନ ଜୀବନ ରେ ବ୍ୟବହାର ହେଉଥିବା ବସ୍ତୁର ଦାମ ମଧ୍ୟ ବଢିଯାଉଛି ।ଆମର ପ୍ରଧାନମନ୍ତ୍ରୀ ଅଶିଏ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଉଛନ୍ତି ବୋଲି ଖୁସି ହେଉଛନ୍ତି କିନ୍ତୁ କାହିଁକି ଆଜିଯାଏଁ ଦେଶର ଅଶିଏ କୋଟି ଲୋକ ଦୁଇବେଳା ଖାଇବା ପାଇଁ ସରକାର ଉପରେ ନିର୍ଭରଶୀଳ ? ବର୍ତ୍ତମାନ ଦେଶ ରେ ବେକାରି ସମସ୍ୟା ଏକ ପ୍ରମୁଖ ସମସ୍ୟା ଦେଶର ମଧ୍ୟମ ବର୍ଗ ର ପରିବାର ମାନେ ନିଜର ସମସ୍ତ ସମ୍ବଳ କୁ ଶେଷ କରି ଦେଇଥାନ୍ତି ନିଜର ପୁଅ ଓ ଝିଅ ମାନଙ୍କର ଶିକ୍ଷା ପାଇଁ ।ସେମାନଙ୍କର ବିଶ୍ୱାସ ଥାଏ ଯେ ପୁଅ ଝିଅ ପାଠ ପଢି କୌଣସି ଚ଼ାକିରି କରି ନିଜର ଭରଣ ପୋଷଣ ନିଜେ କରି ପାରିବେ।କିନ୍ତୁ ଚ଼ାକିରୀର ଅଭାବ ପାଠ ପଢୁଆ ପିଲାଙ୍କୁ ଚ଼ାକିରୀ ଯୋଗାଇ ପାରୁନି।ପୁଅ ଝିଅ ବାପା ମାଙ୍କ ଉପରେ ପୁଣି ବୋଝ ହେବା ପାଇଁ ବାଧ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ପଲିସି ଯାହା ହେଉନା କାହିଁକି ଯଦି ସେ ପଲିସି ଦ୍ୱାରା ଧନୀ ଆହୁରି ଧନୀ ହୋଇ ଚ଼ାଲିଛି ଓ ମଧ୍ୟବିତ ପରିବାର ଗୁଡିକ ଦରିଦ୍ର ହୋଇ ଚ଼ାଲିଛନ୍ତି ତାହେଲେ ସେଥିରେ କୌଣସି ପ୍ରକାର ଆଛାଇ ତ ରହି ପାରିନି। କାଲି ଯେଉଁ ପରିବାର ମାନେ ବିପିଏଲ ସୀମା ଭିତରୁ ଉର୍ଦ୍ଧରେ ଥିଲେ ସେମାନେ ବିପିଏଲର ସୀମା ଭିତରକୁ ଖସି ଯାଇଛନ୍ତି। ଆମ ଦେଶର ନିର୍ବାଚ଼ନ ଏକ ବ୍ୟୟ ବହୁଳ ନିର୍ବାଚ଼ନ ତାହା ଉପରେ ଇଲେକସନ କମିଶନର କୌଣସି ଆଙ୍କୁଶ ଲଗାଇ ପାରୁନି ।ରାଜନେତା ମାନେ ଯେଉଁ ରେଲି ଗୁଡିକୁ କରୁଛନ୍ତି ସେଥିରେ ଅନେକ ପଇସା ଖର୍ଚ୍ଚ ହେଉଛି ।ଇଲେକସେନ କମିଶନର ଏହି ରେଲି ଗୁଡିକୁ ବନ୍ଦ କରିବା କଥା। ସମସ୍ତ ରାଜନେତା ଦୂରଦର୍ଶନ ଜରିଆରେ ନିଜର ବକ୍ତବ୍ୟ ଲୋକଙ୍କ ପାଖ କୁ ପହଞ୍ଚାଇ ବା କଥା ତାହେଲେ ନିର୍ବାଚ଼ନ ପାଇଁ ହେଉଥିବା ଖର୍ଚ୍ଚ ନିଶ୍ଚିତ ଭାବରେ କମ ହୁଆନ୍ତା ।ଯେଉଁ ଦଳ ପାଖରେ ଯେତେ ପଇସା ଅଛି ସିଏ ସେତେ ପଇସା ଖର୍ଚ୍ଚ କରି ନିର୍ବାଚ଼ନ ଜିତୁଛି ଏବଂ କ୍ଷମତା କୁ ଆସିବା ପରେ ପୁଣି ପଇସା ଏକାଠି କରୁଛି ଆଗାମୀ ନିର୍ବାଚ଼ନ ପାଇଁ । ଜଣେ ସାଧାରଣ ଲୋକ ନୋମିନେସନ ଫାଇଲ କରିବା ପାଇଁ ଡରିବ କାରଣ ଏତେ ଟଙ୍କା ସିଏ ଆଣିବ କେଉଁଠୁ ,ନିର୍ବାଚ଼ନ ଲଢିବା ପାଇଁ ।ତା ସହିତ ନିର୍ବାଚ଼ନ ଲଢି ଜିତିଥିବା ସ୍ୱାଧୀନ ପ୍ରାର୍ଥୀଙ୍କୁ କିଣା ବିକା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି ।ନିର୍ବାଚ଼ନ ପାଇଁ ଯଦି କୋଟି କୋଟି ଟଙ୍କା ଖର୍ଚ୍ଚ ହେବ ତାହେଲେ ଦେଶରୁ କରପସନ ଦୂର କିପରି ହେବ ।ରାଜନେତାଙ୍କୁ ନିର୍ବାଚ଼ନ ପାଇଁ ଚ଼ାନ୍ଦା ଶିଳ୍ପପତି ମାନେ ଦେଇଥାନ୍ତି ।କୌଣସି ଶିଳ୍ପପତି ନିଜକୁ କ୍ଷ୍ୟତିଗ୍ରସ୍ତ କରି ଅନ୍ୟ କୁ ଚ଼ାନ୍ଦା ଦେବ କାହିଁକି ।ତେଣୁ ରାଜନେତାଙ୍କୁ ଚ଼ାନ୍ଦା ଦେବା ପଛରେ ଶିଳ୍ପପତିଙ୍କ ନିଜସ୍ୱ ସ୍ୱାର୍ଥ ରହିଛି ।ଯେଉଁ ଦଳ କ୍ଷମତା କୁ ଆସୁଛି ସେହିଦଳ ଭଲ ଚ଼ାନ୍ଦା ପାଇଥିବ। ଶିଳ୍ପପତିଙ୍କ ସ୍ୱାର୍ଥ ପାଇଁ କାମ କରୁଛି। ବର୍ତ୍ତମାନ ଦୁଇଟି ମେଣ୍ଟ ଭାରତର ଆଗାମୀ ନିର୍ବାଚ଼ନ ପାଇଁ ଅଣ୍ଟା ଭିଡିଛନ୍ତି ।ବର୍ତ୍ତମାନର କେନ୍ଦ୍ର ସରକାର ବା ଏନଡିଏ ଗଠବନ୍ଧନ ନିକଟ ରେ ହୋଇଥିବା ପାଞ୍ଚ ?ଟି ରାଜ୍ୟର ବିଧାନସଭା ନିର୍ବାଚ଼ନ ମଧ୍ୟରୁ ତିନୋଟି ରାଜ୍ୟ ରେ ବିଜୟ ହାସଲ କରିଛି ।ଏହି ବିଜୟ ଏନଡିଏର ମନବଳ କୁ ବଢାଇଛି ।ଇଣ୍ଡିଆ ମେଣ୍ଟ ରେ ବର୍ତ୍ତମାନ ସୁଦ୍ଧା ୨୮ଟି ରାଜନୀତି ଦଳ ଏକାଠି ହୋଇଛନ୍ତି ।କେନ୍ଦ୍ର ସରକାରଙ୍କ ବିରୋଧୀ ବିରୋଧ ନୀତି ବିରୋଧ ରେ ଏହି ମେଣ୍ଟ ମୁଣ୍ଡ ଉଠାଇଛି । ଏହି ମେଣ୍ଟର ମୁଖ୍ୟ ଉଦ୍ଦେଶ୍ୟ ହେଲା କେନ୍ଦ୍ର ସରକାରଙ୍କ ମନମୁଖୀ ଶାସନ ବିରୋଧ ରେ ଏକାଠି ହେବା ଏବଂ ଇଡି ଓ ସିବିଆଇର ପ୍ରୟୋଗ କରି ବିରୋଧୀଙ୍କୁ ହଇରାଣ କରିବାର ଯେଉଁ କାର୍ଯ୍ୟକ୍ରମ ଚ଼ାଲିଛି ତାକୁ ଶେଷ କରିବା ।ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ହାତ ରେ କାଠ ପୁତୁଳି ସାଜିଛନ୍ତି ଇଡି ଓ ସିବିଆଇ। ମନେ ହେଉଛି ବିଜେପି ବାଏନଡିଏ ରେ ଅନ୍ତର୍ଭୁକ୍ତ ସମସ୍ତ ରାଜନେତା ହିଁ ଏ ଦେଶରେ ସଚ଼୍ଚୋଟ, ବାକି ସବୁ ଦୁର୍ନୀତି ଗ୍ରସ୍ଥ ।ଉତ୍ତର ପ୍ରଦେଶର ଡବଲ ଇଂଞ୍ଜିନ ସରକାର ଯେପରି ମହିଳାଙ୍କ ସୁରକ୍ଷା ପ୍ରତି ଉଦାସିନ ତାକୁ ଦେଖିଲେ ମନେ ହେଉଛି ଦେଶ ରେ ମହିଳାଙ୍କ ସ୍ଥିତି ଆଜି ମଧ୍ୟ ଦୟନୀୟ।

ବ୍ରହ୍ମପୁର,
ଖୋଡାସିଙ୍ଗ କଳିଙ୍ଗନଗର ,
ମୋ: ୭୨୦୫୧୦୦୮୩୯

# ନିଜର ପରିଚୟ ଜାଣ, ଅନ୍ୟର ପରିଚୟ ପଚାର ନାହିଁ

ସୌର ଚନ୍ଦ୍ର ମହାପାତ୍ର



ଆଜିର ସମୟରେ ଆମେ ସବୁଠି ଗୁରୁଙ୍କ ଉପସ୍ଥିତି ଅନୁଭବ କରୁଛୁ। କିନ୍ତୁ ଆମେ ଭୁଲି ଯାଉଛେ ଯେ ଯାହା ଅଣୁଠାରୁ ମଧ୍ୟ କ୍ଷୁଦ୍ରତର, ବିଶ୍ୱ ଠାରୁ ମଧ୍ୟ ବୃହତ୍ତର, ଯାହା ସର୍ବବ୍ୟାପକ, ଏବଂ ସର୍ବଦା, ସବୁ ଅବସ୍ଥାରେ ପ୍ରକାଶିତ, ତାହାର ନାମ ଆତ୍ମା। ଆତ୍ମା ହିଁ ବ୍ରହ୍ମ, ଏବଂ ବ୍ରହ୍ମ ହିଁ ଆତ୍ମା। ଯାହାକୁ ଜାଣିଲେ ସମସ୍ତ ଜ୍ଞାନ ମିଳିଯାଏ, ଆଉ ନ ଜାଣିଲେ କୌଣସି ଜ୍ଞାନ ମିଳେନାହିଁ, ତାହାରି ନାମ ଆତ୍ମା। ଯିଏ ଏହି ପାଠ ପଢ଼ାନ୍ତି, ପାରାବିଦ୍ୟା କଣ ଅପରାବିଦ୍ୟା କଣ ତାହା ବୁଝାଇ ପରାବିଦ୍ୟା ଶିକ୍ଷା ଦିଅନ୍ତି, ସେ ହିଁ ପ୍ରକୃତ ଗୁରୁ।

ଭାରତର ମହାନ ଆର୍ଯ୍ୟ ସନାତନ ସଂସ୍କୃତି ଆମକୁ ଏହି ଶିକ୍ଷା ଦିଏ ଯେ ସଦଗୁରୁଙ୍କ ଶରଣାପନ୍ନ ହୁଅ। ଆମର ସଂସ୍କୃତି ଓ ପରମ୍ପରାର ବିଧାନ ବେଦରୁ ଗୃହୀତ। ବେଦ କୌଣସି ମନୁଷ୍ୟ ଦ୍ୱାରା ରଚିତ ନୁହେଁ। ଏହା ଈଶ୍ୱରଙ୍କ ମୁଖନିସୃତ ବାଣୀ। ପୁରାତନ ଋଷିମାନେ ବେଦର ମନ୍ତ୍ରଗୁଡ଼ିକ ଶୁଣି ଶିଷ୍ୟମାନଙ୍କୁ ଶିଖାଇ ଶିଷ୍ୟପରମ୍ପରାକ୍ରମେ ଏସବୁ ଆମକୁ ଦେଇଯାଇଛନ୍ତି। ଏହି ଦିବ୍ୟ ଉପଦେଶ ଶ୍ରୁତି ହୋଇଥିବାରୁ ଏହାରି ନାମ ଶ୍ରୁତି। ଶ୍ରୁତିର ମନ୍ତ୍ରଗୁଡ଼ିକରେ କୌଣସି ଅଦଳବଦଳ କରିବା ସମ୍ଭବ ନୁହେଁ। ପୁରାଣ ଓ ଇତିହାସ ଗ୍ରନ୍ଥ ମାନଙ୍କ ଉପରେ ଟୀକା ଲେଖାଯାଇପାରେ ମାତ୍ର ବେଦର କୌଣସି ଗୋଟିଏ ଶବ୍ଦକୁ ବି ବଦଳାଇବାର ଅଧିକାର ଏ ପୃଥିବୀରେ କାହାରି ନାହିଁ। ବେଦକୁ ଶବ୍ଦବ୍ରହ୍ମ ବୋଲି ମଧ୍ୟ କୁହାଯାଏ। ବେଦମନ୍ତ୍ରଗୁଡ଼ିକ ଧର୍ମର ସ୍ୱରୂପ ସମ୍ବନ୍ଧରେ ଆମକୁ ଶିକ୍ଷା ଦିଅନ୍ତି। ବେଦ ହିଁ ପ୍ରମାଣ। ସନାତନ ଧର୍ମ ବେଦରୁ ହିଁ ଜାତ। ଆମର ଗର୍ବ କରିବାର କଥା ଯେ ଆମର ଧର୍ମ ବେଦଧର୍ମ। ମାତ୍ର ଦୁଃଖର କଥା ଆଜିକାଲି କିଛି ଲୋକ ବେଦଧର୍ମରେ ବିଶ୍ୱାସ ହରାଇ ମନ୍ଦିର ଆଦିକୁ ହେୟଜ୍ଞାନ କରୁଛନ୍ତି, ତୀର୍ଥକ୍ଷେତ୍ର ଗୁଡ଼ିକ ପ୍ରତି ତୁଚ୍ଛଭାବ ପ୍ରଦର୍ଶନ କରିଛନ୍ତି। ଏହିପରି ଲୋକେ ଏ ଦେଶରେ ସୁଖ ସମୃଦ୍ଧି ଲାଭ କରୁଥିବା ହିଁ ଆଶ୍ଚର୍ଯ୍ୟର କଥା। ସାଧାରଣ ଲୋକେ ବେଦକୁ ବୁଝି ପାରିବା ସମ୍ଭବ ନୁହେଁ। ଏପରିକି ବେଦ ଉଚ୍ଚାରଣ କରୁଥିବା ପଣ୍ଡିତମାନେ ମଧ୍ୟ ଏହାର ପୂର୍ଣ୍ଣ ଅର୍ଥ ଜାଣନ୍ତି ନାହିଁ।

କେତେକ ଲୋକ ବେଦର ନିନ୍ଦା କରିବା, ଆଉ କେତେକ ଏହାର ପ୍ରଶଂସା କରିବା ତ ସାଧାରଣ କଥା। ଆକାଶରୁ ପାଣି ଟୋପେ ପଡ଼ିଲେ, ତାହା ଭୂମି ସ୍ପର୍ଶ କରିବା ଆଗରୁ ପବନରେ ଶୁଖିଯାଏ। ସେହିପରି ବେଦର ନିନ୍ଦା ଓ ପ୍ରଶଂସା ବୃଦ୍ଧିର ପବନ ସଂସ୍ପର୍ଶରେ ଆସିଲେ ବାଟରେ ହିଁ ଶୁଖିଯାଏ। ଆମ ଭିତରୁ ଅନେକଙ୍କ ମଧ୍ୟରେ ଏକ ପ୍ରଶ୍ନ ଆନ୍ଦୋଳିତ ହୁଏ ଯେ ମୁଁ କିଏ? ଏହାର ଉପଯୁକ୍ତ ଉତ୍ତର ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ୍ଭମାନଙ୍କୁ ମାର୍ଗ ଦର୍ଶନ କରିଛନ୍ତି। 'ମୁଁ ପୁରୁଷମାନଙ୍କ ମଧ୍ୟରେ ଥିଲେ ପୁରୁଷ, ନାରୀ ମାନଙ୍କ ମଧ୍ୟରେ ଥିଲେ ନାରୀ, ପିଲାମାନଙ୍କ ମଧ୍ୟରେ ଥିଲେ ପିଲା। ମାତ୍ର ମୁଁ ଏକୁଟିଆ ଥିଲେ ମୁଁ ବ୍ରହ୍ମ। କେବଳ ମୁଁ ନୁହେଁ, ତୁମେ ବି ଦଶଜଣ ବୁଢ଼ାଲୋକଙ୍କୁ ଭିତରେ ଥିଲେ ବୁଢ଼ାଲୋକଙ୍କ ପରି ବ୍ୟବହାର ଦେଖାଇବ, ଦଶଜଣ ନାରୀଙ୍କ ମଧ୍ୟରେ ଥିଲେ ନାରୀ ସୁଲଭ ଗୁଣ ଦେଖାଇବ, ଦଶଜଣ ପିଲାଙ୍କ ଭିତରେ ଭିତରେ ଥିଲେ, ତୁମେ ଯେତେବଡ଼ କ୍ଷମତାସମ୍ପନ୍ନ ହୁଅନା କାହିଁକି, ପିଲା ପରି ଆଚରଣ ଦେଖାଇବ। ଜଣେ ଜେଜେବାପା ତାର ନାତି ସହ ଖେଳିଲାବେଳେ କିପରି ଆଚରଣ ଦେଖାଏ ? ମାତ୍ର ଏକୁଟିଆ ଥିଲାବେଳେ ମଣିଷ ଅବଶ୍ୟ ଆପଣା ଦୈବସ୍ୱରୂପ ସମ୍ପର୍କରେ ସଚେତନ ଥାଏ।'

ଗୋଟିଏ ଛୋଟିଆ ଉଦାହରଣ ଏଠାରେ ଉପସ୍ଥାପନ କରୁଛି। ଦୋକାନ ବଜାରକୁ ଗଲେ ଆମ୍ଭମାନଙ୍କର ସାଧାରଣ ଅଭ୍ୟାସ ହେଲା କୌଣସି ପଦାର୍ଥ କିଣିବା ଶକ୍ତି ନଥିଲେ ମଧ୍ୟ ସେ ସବୁର ଦାମ ପଚାରିବା। ସେହିପରି ଭଗବାନଙ୍କୁ ବୁଝିବାକୁ ଇଚ୍ଛା ପାଉ ବା ନଥାଉ, କେବଳ ନାମ ରୂପରେ ଆକୃଷ୍ଟ ହୋଇ ଅନ୍ତର୍ନିହିତ ତତ୍ତ୍ୱକୁ ଜାଣିବା ପାଇଁ ଆଗ୍ରହୀ ନଥିବା ମୂର୍ଖ ଲୋକଙ୍କ ପରି ଏପରି ପ୍ରଶ୍ନ ପଚାରିବା ଅନୁଚିତ। ଯିଏ ନିଜର ପରିଚୟ ଜାଣେ ନାହିଁ, ସେ ଅନ୍ୟର ପରିଚୟ ଜାଣିବା ପାଇଁ ବହୁତ ଆଗ୍ରହ ପ୍ରକାଶ କରେ। ଯିଏ ନିଜର ନାମ-ଧାମ ଜାଣିବାକୁ ଚାହିଁବ, ସେ ଏପରି ପ୍ରଶ୍ନ କରିବ ନାହିଁ। ଏହି ଘଟଣାଟିକୁ ବିଚାର କଲେ, ଏବଂ ଏହାକୁ ଉଦାର ଦୃଷ୍ଟିରେ ଚାହିଁଲେ ଆମେ ଦେଖିବା ଯିଏ ଯିଏ ବି ଭଗବାନ ଶ୍ରୀସତ୍ୟସାଇଙ୍କୁ ତାଙ୍କ ପରିଚୟ ସମ୍ବନ୍ଧରେ ପଚାରିଲେ ମଧ୍ୟ ବାବା ଖୁବ ପ୍ରସନ୍ନ ଭାବେ ଉତ୍ତରଟେ ଦିଅନ୍ତି, ତୁମ୍ଭେମାନେ ନିଶ୍ଚୟ ଜାଣିଛ ମୁଁ ସତ୍ୟସାଇ ବାବା, ଆଉ ତୁମ୍ଭେମାନେ ଏହା ବି ଜାଣିଛ ତୁମେ କାହିଁକି ମାତେ ସାକ୍ଷାତ କରିବାକୁ ଆସିଥିଲ। ତା ସତ୍ତ୍ୱେ ତୁମ୍ଭମାନଙ୍କର ଏ ପ୍ରଶ୍ନ ସୂଚନା ଦେଉଛି ଯେ, ତୁମର ମନସ୍ଥିର ନାହିଁ, ଏବଂ ତୁମେ ନିଜ ପ୍ରଶ୍ନର ଅର୍ଥ ନିଜେ ମଧ୍ୟ ସଠିକ ଭାବେ ଜାଣନା। ସାରା ସଂସାର ଏହିପରି। ଆମର ଶାସ୍ତ୍ର ଇତିହାସ, ପୁରାଣମାନଙ୍କରେ କଣ ଅଛି ତାହା ଜାଣିବା ପାଇଁ ଆମ୍ଭେମାନେ ଯେତେବେଳେ ଏତେ ସମୟ ଖର୍ଚ୍ଚ କରୁଛୁ, ସେଇ ଜ୍ଞାନକୁ ବ୍ୟବହାର କରି ଆମେ ନିଜର ଅନ୍ତର୍ନିହିତ ଦୈବତ୍ୱକୁ ଜାଣିବା ଉଚିତ। ଶାସ୍ତ୍ର ପୁରାଣରୁ ପ୍ରାପ୍ତ ଜ୍ଞାନକୁ ବ୍ୟବହାର କଲେ ଯାଇ ତାହା ସାର୍ଥକ ହେବ। ତା ନହେଲେ ସାରା ଜୀବନ ବ୍ୟର୍ଥ ହୋଇଯିବ। ବହି ପଢ଼ି ଅନ୍ୟକୁ ପଢ଼ାଇବା, ଆଉ ନିଜେ ସେଥିରୁ କାଣିଚାଏ ବି ଆପଣା ଜୀବନରେ ପ୍ରୟୋଗ ନ କରିବା ଏକ ବୃଥା ବୃତ୍ତି। ଏହି ବୟସରେ ହୁଏତ ଆମ୍ଭେମାନେ ଅନେକ ପୁସ୍ତକ ପଢ଼ି ସାରିଥିବା, ଅନେକ ଭଲ କଥା ଜାଣିଥିବା, ମାତ୍ର ସେ ସବୁର ଟିକିଏ ମାତ୍ର ଚିହ୍ନ ଆମ ଆଚରଣରେ ଦେଖାଯାଉନାହିଁ। ବହୁତ ଗୁଡ଼ାଏ ବହି ପଢିବା କିଛି ଦରକାର ନାହିଁ, ଯାହା ପ୍ରକୃତରେ ଦରକାର ତାହାହେଲା ଈଶ୍ୱରଙ୍କ ଅନୁଗ୍ରହ। ଏ ବୟସରେ ମନ ଚଞ୍ଚଳ ହେବ, ମନରେ ବହୁତ ଭ୍ରାନ୍ତି ଜାତ ହେବାର ସମ୍ଭାବନା ଥାଏ ଏଣୁ ବର୍ତ୍ତମାନ ହିଁ ମନକୁ କଠୋର ଭାବରେ ଶାସନ କରି ନିଜ ଅଧୀନରେ ରଖିବା ଏକାନ୍ତ ଆବଶ୍ୟକ। ମନକୁ ସଂଯତ କରିବା ନିମନ୍ତେ ତର ତର ହେବ, କିମ୍ବା ଜୋର ଜବରଦସ୍ତ କରିବା ଠିକ ହେବନାହିଁ। ଯଦି ଖୁଣ୍ଟରେ ବନ୍ଧା ହୋଇଥିବା ଗାଈଟି ବିଲରେ ପଶି ଫସଲ ଖାଇବାକୁ ଭିଡ଼ି ଓଟାରି ହେଉଛି, ତାକୁ ଶାନ୍ତ କରିବା ପାଇଁ ଆମ୍ଭେମାନେ କ'ଣ କରୁ ? ତା ଆଗରେ କିଛି କଞ୍ଚା ଘାସ, ପେଜତୋରାଣୀ ରଖି ଦେଲେ ସେ ଦଉଡି ଛିଣ୍ଡାଇବାକୁ ଆଉ ଚେଷ୍ଟା କରିବ ନାହିଁ। ମନବୋଧ କରି ଭଲ ଖାଇବାକୁ ମିଳିଗଲେ ଘରୁ ବାହାରକୁ ଯିବାର ଇଚ୍ଛା ମଧ୍ୟ ତାର ତୁଟିଯିବ। ସେହିପରି ମନ ସବୁବେଳେ ବର୍ହିମୁଖୀ ହୋଇ ଏଣେତେଣେ ବୁଲି ଇନ୍ଦ୍ରିୟଭୋଗ୍ୟ ବସ୍ତୁରେ ଲାଖି ରହିବାକୁ ଚାହିଁବ। ସେତେବେଳେ ମନକୁ ଅନ୍ତର୍ମୁଖୀ କରି ଇନ୍ଦ୍ରିୟ ଲାଳସା ପଛରେ ଧାଇଁବାକୁ ନଛାଡ଼ି ହରି ନାମରେ ହରିଚିନ୍ତାରେ ଲଗାଇ ରଖିଲେ ମନ ଆଉ ବାଟବଣା ହେବନାହିଁ। ମନକୁ ହରି ମହୁ ଚଖାଇ ଦେଲେ ସେ ଆପେ ମଣ ହୋଇଯିବ। ମାତ୍ର ଯଦି ତାକୁ ଜୋର କରି ଘରେ ଖୁଣ୍ଟରେ ବାନ୍ଧି ରଖିବାକୁ ଚାହିଁବ, ସଫଳ ହେବନାହିଁ। ଆଜିକାଲି କାମନା ଓ ବାସନା ପଛରେ ମନକୁ ମୁକ୍ତ ଭାବରେ ଛାଡ଼ିଦେବା ଆଧୁନିକତାର ଲକ୍ଷଣ ହୋଇଯାଇଛି। ବୁଦ୍ଧି ବି ମନକୁ ଲଗାମ ଦେବାକୁ ସମର୍ଥ ହେଉନାହିଁ। ଏପରି ଅବସ୍ଥାରେ ଦୁଇଟି ଉପାୟ ଅବଲମ୍ବନ କରାଯାଇ ପାରେ, ଏକାନ୍ତରେ କିଛି ସମୟ ରହିବ ଏବଂ ସତସଙ୍ଗରେ ସମୟ କାଟିବା। ଏଥିରୁ କୌଣସି ଗୋଟିଏ ଅଭ୍ୟାସ କଲେ ମନ ଉପରେ କ୍ରମଶଃ ଅଧିକାର ସାବ୍ୟସ୍ତ କରିବା ସମ୍ଭବ ହେବ। ମାତ୍ର ଆଧୁନିକ ଯୁଗରେ ସତସଙ୍ଗରେ ସମୟ କାଟିବାକୁ ହୀନଦୃଷ୍ଟିରେ ଦେଖାଯାଉଛି। ମାତ୍ର କେଶସଜ୍ଜା ଓ ରୂପସଜ୍ଜାରେ ବହୁ ଅର୍ଥବ୍ୟୟ କରିବାକୁ ପସନ୍ଦ କରାଯାଉଛି। ବେଶ ପୋଷାକ ଓ ରୂପସଜ୍ଜାରେ ବହୁତ ସମୟ ମଧ୍ୟ ନଷ୍ଟ କରାଯାଉଛି। ବାହାର ରୂପକୁ ଆକର୍ଷଣୀୟ କରିବାରେ ଏତେ ସମୟ ଦେବାରେ କୁଣ୍ଠା ନାହିଁ ଅଥଚ ଧ୍ୟାନ କିମ୍ବା ହରିଚିନ୍ତନରେ ଦିନକୁ ପାଞ୍ଚ ମିନିଟ କଟାଇବାକୁ କହିଲେ ଲୋକେ କହିବେ ସେଥିପାଇଁ ସମୟ ନାହିଁ। ଆଉ ଗୋଟିଏ କଥା ଆମ୍ଭେମାନେ ନିତିଦିନିଆ ଜୀବରେ ପ୍ରାୟ ଦେଖିବାକୁ ପାଉ। ଆଜିକାଲି ପ୍ରାୟ ଯୁବକଙ୍କ ପକେଟରେ ଛୋଟ ପାନିଆଟିଏ ଓ ଦର୍ପଣଟିଏ ଥିବ। ପ୍ରାୟ ଅଧିକାଂଶ ଯୁବତୀଙ୍କର କାନ୍ଧରେ ଏକ ଆକର୍ଷଣୀୟ ଭ୍ୟାନିଟି ମଧ୍ୟ ରହିଥାଏ। ଏସବୁ ଆୟୋଜନ କାହିଁକି ? ମୁଣ୍ଡରେ କେଶ ଟିକିଏ ଏପଟ ସେପଟ ହୋଇଗଲେ ସଙ୍ଗେ ସଙ୍ଗେ ପାନିଆରେ ତାକୁ ସଜାଡ଼ିବାକୁ ହେବ, ମଝିରେ ମଝିରେ ମୁହଁର ଚେହେରା ଦେଖି ତାକୁ ସଙ୍ଗେ ସଙ୍ଗେ ସଜାଡ଼ି ଦେବାକୁ ହେବ ଏସବୁ ଶରୀରର ଅତ୍ୟଧିକ ସେବା। ମାତ୍ର ମନକୁ କୁମାର୍ଗରୁ ସଦମାର୍ଗକୁ ଆଣିବା ପାଇଁ କିଛି କରିବାକୁ ନାହିଁ। ପବିତ୍ର ମାର୍ଗରେ ଚାଲିବାକୁ ହେଲେ ପ୍ରଥମେ ଅନ୍ତଃକରଣକୁ ବାଟକୁ ଆଣିବାକୁ ହେବ। ସଦଦୃଷ୍ଟିକୁ ବିକୃତ କରୁଥିବା ବନ୍ଧନରୁ ମୁକ୍ତ ରହିବାକୁ ହେଲେ ଭକ୍ତି, ପ୍ରେମ ଓ ଜ୍ଞାନ ବଢ଼ାଇବା ଉଚିତ। ଦ୍ୱାପରଯୁଗର କଥା, ଗୋପୀମାନେ ନିରକ୍ଷର ଥିଲେ କୌଣସି ବେଦ ଶାସ୍ତ୍ର ପଢ଼ିନଥିଲେ ତଥାପି ସେମାନେ ଭଗବାନଙ୍କ ପ୍ରତି କିପରି ଗଭୀର ଭାବରେ ଆକୃଷ୍ଟ ଥିଲେ ସେକଥା ହୃଦୟଙ୍ଗମ କରିବା ଉଚିତ। ନିରନ୍ତର ହରି ଭାବନାରେ ବୁଡ଼ି ରହି ସେମାନେ ମହାବିଷ୍ଣୁଙ୍କୁ ସମଗ୍ର ଜଗତର ଚୈତନ୍ୟଶକ୍ତି ବୋଲି ବୁଝିଥିଲେ। ଏହି ଉପଲବ୍ଧି କେବଳ ଗୋପୀମାନେ ଲାଭ କରିଥିଲେ ସେମାନଙ୍କର ଗାଢ଼ ଭକ୍ତି ଯୋଗୁ। ହରିପଦରେ ପହଞ୍ଚିବାକୁ ସାହାଯ୍ୟ ନକଲେ ବେଦ ଶାସ୍ତ୍ରର ଜ୍ଞାନର କି ମୂଲ୍ୟ ଅଛି ? ଜୀବନର ସମୟ ପ୍ରତ୍ୟେକଙ୍କର ସରି ଆସୁଛି। ଯଥା ସମ୍ଭବ ପରୋପକାର ଓ ମାନବ ସେବାରେ ନିଜକୁ ବ୍ରତୀ ରଖିବା।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ, ମୋ: ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,
ସେକ୍ଟର-୬, କଟକ




# ଶିଶୁପାଳଗଡ ଶାଖା ଡାକଘର କ'ଣ କେନ୍ଦ୍ର ସରକାରଙ୍କର ସାବତ ପୁଅ କି ?




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗିପୁର ଗ୍ରାମପଂଚାୟତରେ ଥିବା ଶାଖା ଡାକଘର ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। କୌଣସି ମୌଳିକ ସେବା ପାଇବାରୁ ଜନସାଧାରଣ ବଂଚିତ। ଡାକ ଟିକେଟ, ରେଭିନ୍ୟୁ ଷ୍ଟାମ୍ପ, ଏନ୍‌ଭଲପ୍ ପୋଷ୍ଟକାର୍ଡ, ଇତ୍ୟାଦି ଜମା ଉପଲବ୍ଧ ହେଉନାହିଁ। ଏହାକୁ ନେଇକରି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶିଶୁପାଳଗଡ ଏବଂ ଲିଙ୍ଗିପୁର ପଂଚାୟତର ୨୬ଟି ୱାର୍ଡର ଜନସାଧାରଣ ଡାକସେବାର କୌଣସି ସେବା ପାଇପାରୁନାହାଁନ୍ତି। ସ୍ପିଡ ପୋଷ୍ଟ ସେବା ଏହି ଶାଖା ଡାକଘରେ ଉପଲବ୍ଧ ଥିଲେ ମଧ୍ୟ ବିଡମ୍ବନାର ବିଷୟ ଇଂଟରନେଟ ସେବାର ଉପଲବ୍ଧି ରହୁନାହିଁ। ଯାହାଫଳରେ ନାହିଁନଥିବା ହଇରାଣ ହେଉଛନ୍ତି ଜନସାଧାରଣ। ଡାକବକ୍ସଟି ଭାଙ୍ଗି ଉପୁଡି ଯାଇଛି। ଯାହାଫଳରେ ୪ କିଲୋମିଟର ଦୂର ଓଲଡ୍ ଟାଉନ ପୋଷ୍ଟ ଅଫିସ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଘଂଟେରୁ ଅତି ବେଶୀରେ ଦୁଇ ଘଂଟା ଖୋଲା ରହୁଛି ଶାଖା ଡାକଘର (୧୦-୧୨ପର୍ଯ୍ୟନ୍ତ ଖୋଲା ରହୁଛି)। କୌଣସି ଚିଠି ଆସିଲେ କମ ସେ କମ୍ ୮ରୁ ୧୦ଦିନ ଉର୍ଦ୍ଧ୍ୱ ଲାଗୁଛି କୌଣସି ଠିକଣାରେ ପହଂଚିବା ପାଇଁ। ୧୦୦୦୦ରୁ ଉର୍ଦ୍ଧ୍ୱ ଏହି ଦୁଇ ପଂଚାୟତର ଲୋକ ବାଧ ହୋଇ ୪ କିଲୋମିଟର ଦୂର ଯିବାକୁ ପଡୁଛି ଏବଂ ଗରିବ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଏହି ଡାକଘରର ଉନ୍ନତି ନକରିବା ପାଇଁ କିଛି କୋରିଅର ସଂସ୍ଥା ହୀନ ଚକ୍ରାନ୍ତ କରୁଥିବା ଶୁଣିବାକୁ ମିଳୁଛି। ଡାକବକ୍ସଟି ବିଗତ ବହୁଦିନ ହେଲାଣି ଅକାମି ହୋଇ ପଡିରହିଛି। ଶାଖା ଡାକ ଘରେ ପାଣିର କୌଣସି ସୁବିଧା ନାହିଁ। ଯାହାଫଳରେ ବହୁ ଅସନ୍ତୋଷ ଦେଖାଯାଉଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ହୋଇଥିଲେ ମଧ୍ୟ ଦୀପତଳ ଅନ୍ଧାର ଭଳି ଲାଗୁଛି। ନା ଭିତିଭୂମି ଅଛି ନା ମୌଳିକ ସେବା ମିଳୁଛି। ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଡାକଘର ଉପରେ ଲେଖାହୋଇଛି ୧୦ଟାରୁ ୨ଟା ଖୋଲା ରହୁଛି। କିନ୍ତୁ ସବୁଦିନ ୧ଟା ବେଳେ ବନ୍ଦ ହୋଇଯାଉଛି। ଯାହାଫଳରେ ଜରୁରୀ ଚିଠି ଡାକଟିକେଟ ପାଇବାରେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି। ଶାଖା ଡାକଘରେ ଥିବା କର୍ମଚାରୀମାନେ ମନଇଚ୍ଛା ଅଫିସ ଖୋଲୁଛନ୍ତି, ନିଜ ଇଚ୍ଛା ଅନୁସାରେ ଆସୁଛନ୍ତି ଏବଂ ଅଫିସକୁ ବନ୍ଦ କରି ଦେଉଛନ୍ତି। ଅଫିସ ଭିତରକୁ ଜଣେ ଗଲେ ଦ୍ୱିତୀୟ ଲୋକ ପାଇଁ ଜାଗା ନାହିଁ। କେନ୍ଦ୍ରମନ୍ତ୍ରୀ ମହାଶୟ ତୁରନ୍ତ ହସ୍ତକ୍ଷେପ କରି ଏହି ଶାଖା ଡାକଘରର ଭିତିଭୂମି ଏବଂ ମୌଳିକ ସେବା ସହିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ନିଜେ ତଦାରଖ କରନ୍ତୁ ଯେପରି ଭାବେ କୌଣସି ଜନସାଧାରଣ ମୌଳିକ ସେବାରୁ ବଂଚିତ ନ ହୁଅନ୍ତି। କେନ୍ଦ୍ର ସରକାର ଅଧୀନସ୍ଥ ଡାକଘରେ ବିଭିନ୍ନ ଯୋଜନା ଥିଲେ ମଧ୍ୟ ପୋଷ୍ଟ ଅଫିସରେ କେମିତି କାର୍ଯ୍ୟକାରୀ ହେବ ତଥା ଆଧାର କାର୍ଡ ଭେରିଫିକେସନ୍, ଜମା ଖାତା, ଏନ୍‌ଏସି, ସୁକନ୍ୟା ଯୋଜନା ଏବଂ କେନ୍ଦ୍ର ସରକାରଙ୍କର ସବୁ ଜନକଲ୍ୟାଣକାରୀ ସୁବିଧା ମିଳିବା ପାଇଁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇ ଜନସାଧାରଣଙ୍କୁ ଏହି ସୁବିଧାର ତୁରନ୍ତ ଉପଲବ୍ଧ କରାନ୍ତୁ।

## ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଓଡିଶା ବିଧାନସଭାର ଉଦ୍ୟମ ଫଳରେ ଦୀର୍ଘ ୧୦୦ ବର୍ଷ ତଳର ବିବରଣୀ ବିହାର ବିଧାନସଭାରୁ ଅଣାଯାଇପାରିଥିବାରୁ ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସଚିବ ଦାଶରଥି ଶତପଥୀ, ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଉତ୍କଳ ସମ୍ମିଳନୀ କୃତଜ୍ଞତା ଜ୍ଞାପନ କରିବା ସହିତ ଅଭିନନ୍ଦନ ଜଣାଇଛି। ଆମ ପାଖରେ ଆମ ରାଜ୍ୟର ୧୯୨୨ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ତଥ୍ୟ ନଥିଲା। ଏହି ତଥ୍ୟ ମିଳିବା ପରେ ଓଡିଶାର ଇତିହାସ ଲେଖାରେ ସହାୟକ ହେବ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ଏହି ତଥ୍ୟକୁ ଆଧାର କରି ଏକ ତଥ୍ୟଭିତିକ ପୁସ୍ତକ ରଚନା କରିବା ପାଇଁ ଶ୍ରୀ ଦାଶଶର୍ମା ମଧ୍ୟ ମାନ୍ୟବର ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି।

## ଜିଲ୍ଲାପାଳଙ୍କୁ ଭେଟି ବନ୍ୟାଞ୍ଚଳ ବାବଦରେ ସମୀକ୍ଷା କଲେ ସାଂସଦ

ବାଲେଶ୍ୱର (ପିଏନ୍)- ଲଘୁଚାପ ଜନିତ ବର୍ଷା ଯୋଗୁଁ ଉତ୍ତର ବାଲେଶ୍ୱରରେ ବନ୍ୟାପଣି ମାଡ଼ିଥିବା ଅଞ୍ଚଳକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗସ୍ତ କରିବା ପରେ ନିଜେ ଅନୁଭବ କରିଥିବା ବନ୍ୟା ପ୍ରପୀଡ଼ିତଙ୍କ ଅସୁବିଧାକୁ ବାଲେଶ୍ୱର ଜିଲ୍ଲା ବିଜେପିର ପ୍ରତିନିଧି ମଣ୍ଡଳୀଙ୍କ ସହ ଯାଇ ଜିଲ୍ଲାପାଳଙ୍କୁ ତାଙ୍କ ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଭେଟି ଲୋକଙ୍କୁ କେମିତି ସୁଷମ ଭାବେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ, ଔଷଧ ପିଇବା ପାଣି, ଗୋଖାଦ୍ୟ ସୂଚାରୁ ରୂପେ ବଣ୍ଟନ କରାଯିବ ସେ ବାବଦରେ ଆଲୋଚନା କରିଥିଲେ। ଯେଉଁମାନଙ୍କର ଘର ବନ୍ୟାପାଣିରେ ଭାଙ୍ଗିଯାଇଛି, ଚାଷଜମି କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ରାଜନୀତି ପ୍ରିୟାପ୍ରୀତି ଉର୍ଦ୍ଧ୍ୱରେ ଯାଇ ଚିହ୍ନଟ କରିବା ପାଇଁ ଏବଂ ବେଆଇନ ଭାବେ ସରକାରୀ ଜାଗାକୁ ଅବରୋଧ କରି ରଖିଥିବା ବିଶେଷ କରି ରାସ୍ତା ପାଖରେ ଥିବା ନାଳକୁ ଜବର ଦଖଲ କରି ଦୋକାନ ଗୃହ ନିର୍ମାଣ କରିଥିବା ଏବଂ ବେଆଇନ ଚିଙ୍ଗୁଡ଼ିଘେରୀ କରି ବର୍ଷାପାଣି ପ୍ରବାହରେ ବାଧା ଉତ୍ପନ୍ନ କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ କହିବା ପରେ ଜିଲ୍ଲାପାଳ ତୁରନ୍ତ ଏ ସବୁର ସମାଧାନ କରିବେ ବୋଲି କହିବା ସହିତ ତାଙ୍କର ହ୍ୱାଟ୍‌ସଅପରେ ଫଟୋ ଉଠାଇ ପଠାଇବା ପାଇଁ ଅନୁରୋଧ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶୁଭଙ୍କର ମହାପାତ୍ର, ଜୋନାଲ ମିଡ଼ିଆ ସଂଯୋଜକ ପ୍ରମୁଖ ଉପସ୍ଥିତ ରହିଥିଲେ ବୋଲି ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଏକ ପ୍ରେସ ବିବୃତିରେ ଲିଖିତ ଭାବେ ଜଣାଇଛନ୍ତି।

## ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ କବି ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀରଙ୍କ ଆବାହକତ୍ୱରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି କବି ଭାବେ ବରିଷ୍ଠ ପ୍ରକାଶକ ତଥା କବି ଯୋଗେନ୍ଦ୍ର କୁମାର ନାୟକ, କବି ଭୂବନ ମୋହନ ମହାନ୍ତି, ତରୁଣବାଳା ମହାପାତ୍ର, ଗୀତାଞ୍ଜଳୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମନୋଜ୍ଞ କବିତା ପାଠୋତ୍ସବରେ କବି ମଧୁସ୍ମିତା ସାହୁ, ସୁଷମା ଲେଙ୍କା, ସୌଦାମିନୀ ସାମନ୍ତରାୟ, ସହିଂସ୍ତା ମହାନ୍ତି, ତରୁଣବାଳା ମହାପାତ୍ର, ମନୋରମା ମିଶ୍ର, ଦୀପାଳୀ ଦେବସ୍ମିତା, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କବି ପ୍ରତ୍ୟୁଷ କୁମାର ଭଞ୍ଜ, ରଜନୀକାନ୍ତ ପଟ୍ଟନାୟକ, ମନୋଜ କୁମାର ଜେନା, କସ୍ତୁରୀ ଚରଣ ନାୟକ, ବିଜୟ କୁମାର ବହଲି, ଇଂ ଲଡୁକିଶୋର ପଢିଆରି, ମାନଗୋବିନ୍ଦ ବାରିକ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ।

## ଡେକୋରେଟର ସୌମେନ୍ଦୁ ମହାପାତ୍ରଙ୍କ ସ୍ମୃତି ସଭା

ପାରାଦୀପ (ପିଏନ୍)- ପାରାଦୀପର ମହାପାତ୍ର ଡେକୋରେଟର ପ୍ରତିଷ୍ଠାତା ସୌମେନ୍ଦୁ ମହାପାତ୍ର (ପୁପୁ)ଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସଭା ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ପାରାଦୀପ ଡେକୋରେଟର ସଂଘ ପକ୍ଷରୁ ପାରାଦୀପ ବଡପଡିଆସ୍ଥିତ ଶାରଳା ମନ୍ଦିର ପରିସରରେ ଏହି ସ୍ମୃତିଚାରଣ ଆୟୋଜିତ ହୋଇଥିଲା। ପାରାଦୀପରେ ଦୀର୍ଘ ତିନି ଦଶନ୍ଧି ଧରି ଡେକୋରେଟର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ପୁପୁ ମହପାତ୍ର ଭାବେ ସେ ସମସ୍ତ ପାରାଦୀପବାସୀଙ୍କ ନିକଟରେ ପରିଚିତ ଥିଲେ। ପାରାଦୀପ ବନ୍ଦରାଂଚଳ ସମେତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କରେ ସେ ଦକ୍ଷତାର ସହିତ ଡେକୋରେଟର ଭାବେ ସବୁବର୍ଗର ଲୋକମାନଙ୍କ ପାଖରେ ପ୍ରିୟପତ୍ର ଥିଲେ। ତାଙ୍କର ଏହି ଅକାଳ ବିୟୋଗ ପାରାଦୀପର ସବୁବର୍ଗର ଲୋକମାନଙ୍କ ମନରେ ଗଭୀର ଶୋକର ଛାୟା ଖେଳାଇ ଦେଇଥିଲା। ରବିବାର ଦିନ ତାଙ୍କ ବିୟୋଗରେ ଆୟୋଜିତ ସ୍ମୃତି ସଭାରେ ଅରୁଣ କୁମାର ଲେଙ୍କା, ମନୋଜ କୁମାର ସ୍ୱାଇଁ, କୈଳାସ ମଲ୍ଲିକ, ସୁବାସ ରାଉତ, ଶୁକଦେବ ରଣା, ଶିବ ପ୍ରସାଦ ବାରିକ, ଚନ୍ଦନ କୁମାର ହାତୀ, ଚନ୍ଦନ କୁମାର ପାଣି, ପ୍ରଦୀପ କୁମାର ସ୍ୱାଇଁ, ଧର୍ମାନନ୍ଦ ମଲ୍ଲ, କାରୁଣ୍ୟ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ଧର୍ମଶାଳା ତହସିଲ ପକ୍ଷରୁ ପଟ୍ଟା ବଂଟନ

ଧର୍ମଶାଳା (ପିଏନ): ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୨ ଜଣ ଭୂମିହୀନଙ୍କୁ ପଟ୍ଟା ବଂଟନ କରାଯାଇଛି। ଧର୍ମଶାଳାସ୍ଥିତ କାର୍ଯ୍ୟାଳୟ ପରିସରରେ ତହସିଲଦାର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନାକପୋଲ ସର୍କଲର ୧୨ ଜଣ, ବାଙ୍କସାହି ସର୍କଲର ୮ ଜଣ, ବଡକାଏମା ଓ ଶ୍ରୀନଗରର ଜଣେ ଲେଖାଏଁ ଭୂମିହୀନଙ୍କୁ ପଟ୍ଟା ବଂଟନ କରିଥିଲେ। ସମ୍ପୃକ୍ତ ସର୍କଲର ଆରଆଇ ଉପସ୍ଥିତ ହିତାଧିକାରୀ ଚିହ୍ନଟରେ ସହଯୋଗ କରିଥିଲେ। ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ।

## ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ଅନେକ କିଛି କରିଛି

ରାଉରକେଲା (ପିଏନ୍): ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ସରକାର ସମୟରେ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି। ଶିକ୍ଷା, ନିଯୁକ୍ତି, ରାଜନୀତି ଇତ୍ୟାଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାର ସୁଯୋଗ ସୃଷ୍ଟି କରାଯାଇଛି। ତେଣୁ ଆଜି ରାଜ୍ୟରେ ବିଜେଡିର ୨୨ ବର୍ଷର ଶାସନ ଓ କେନ୍ଦ୍ରରେ ବିଜେପିର ୮ ବର୍ଷର ଶାସନ ପରେ ବି ଆଦିବାସୀ ସମ୍ପ୍ରଦାୟର କଂଗ୍ରେସ ପ୍ରତି ସମର୍ଥନ ଓ ପ୍ରତିଷ୍ଠା ଜାରି ରହିଛି ବୋଲି ଆଦିବାସୀ କଂଗ୍ରେସର ରାଜ୍ୟ ଅଧକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି ରାଉରକେଲା ଠାରେ ପ୍ରକାଶ କରିଛନ୍ତି। ଶ୍ରୀ ମାଝି ତାଙ୍କ ରାଉରକେଲା ଗସ୍ତ ଅବସରରେ କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗ ତରଫରୁ ଅନୁଷ୍ଠିତ ସଭାରେ ସଙ୍ଗଠନର ସଦସ୍ୟମାନଙ୍କୁ ସମ୍ବୋଧିତ କରି ନିଷ୍ଠାର ସହିତ ଅଧିକ ବ୍ୟାପକ ଭାବେ ସାଧାରଣ ଆଦିବାସୀଙ୍କ ସହିତ ସମ୍ପର୍କକୁ ମଜବୁତ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଆଦିବାସୀଙ୍କ ସ୍ୱାର୍ଥବିରୋଧୀ ବର୍ତ୍ତମାନର ବିଜେଡି ଓ ବିଜେପି ସରକାର ଆଦିବାସୀଙ୍କୁ ବିଭ୍ରାନ୍ତ କରି କଂଗ୍ରେସଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମାଝି ପ୍ରକାଶ କରି ସମସ୍ତ କର୍ମକର୍ତ୍ତା ଏଥିପ୍ରତି ସଚେତନ ରହିବାକୁ କହିଥିଲେ। ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗକୁ ପୁନର୍ଗଠନ କରାଯିବ ବୋଲି ଶ୍ରୀ ମାଝି ପ୍ରକାଶ କରି ଦକ୍ଷ ଓ କର୍ମଠ କର୍ମୀମାନଙ୍କୁ ପୁନର୍ଗଠିତ କମିଟିରେ ସ୍ଥାନ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ କିଣ୍ଡୋ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଆଦିବାସୀ କଂଗ୍ରେସର ପୂର୍ବତନ ଅଧକ୍ଷ ରାଜେଶ ଟପ୍ପୋ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଫିଲିସିତା ଚେରୁଆ, ଜିଲ୍ଲା କଂଗ୍ରେସ ସମ୍ପାଦିକା ସୁନୀତା ଲାକ୍ରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସୁନ୍ଦରଗଡ ଜିଲ୍ଲାକୁ ପୁନଶ୍ଚ କଂଗ୍ରେସର ଗଡରେ ପରିଣତ କରିବା ପାଇଁ ଆହ୍ୱାନ ଦେଇ ଏହା ଜିଲ୍ଲାର ଆଦିବାସୀ ଭାଇ ଓ ଭଉଣୀମାନେ ଚାହିଁଲେ ନିଶ୍ଚିତ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ଆଦିବାସୀ ବିଭାଗ ତରଫରୁ ଶ୍ରୀ ମାଝିଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଝୁନୁ ପଟ୍ଟନାୟକ ଓ ରୁକସାନା ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ଉମେଶ ଶରଣ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଅନୁପ ଖେଡିଆ, ଲୋକନାଥ ଭୂମିଜ, ଇଂ. ଶିବୁ ଓରାମ, ଧନଂଜୟ ମୁଣ୍ଡା, ମୁଖପାତ୍ର କୈଳାସ ସାହୁ, ଦିଲ୍ଲୀପ ଜେନା, ନିର୍ମଳା ସେକ୍, ଅଜୟ ଖାଲକୋ, ଅମୀତ ତିର୍କୀ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ବିଶ୍ୱଜିତ ସାହୁ, ରାଜୁ ପ୍ରସାଦ, ସେକ୍ ସମୀର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## ଜିଲ୍ଲାସ୍ତରୀୟ କ୍ରୀଡା ଦିବସ ପାଳିତ

ଖୋର୍ଦ୍ଧା (ପିଏନ)-ଜାତୀୟ କ୍ରୀଡା ଦିବସ ଅବସରରେ ହକି ଖେଳର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଏହି ଦିବସଟିକୁ ପାଳନ କରାଯାଇଛି। ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହୋଇଥିବା ବେଳେ ପ୍ରାରମ୍ଭରେ ଏକ ସଭା ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କ୍ରୀଡା ହେଉଛି ଜୀବନରେ ନିହାତି ଆବଶ୍ୟକତା ରହିଥିବା ବେଳେ ଚିତ ବିନୋଦନ ସହ ସୁସ୍ଥ ଜୀବନଯାପନ ନିମନ୍ତେ ଏକ ମହୌଷଧି ଭଳି କାର୍ଯ୍ୟ କରିଥାଏ। ଲକ୍ଷ୍ୟ ହାସଲ ହେଉଛି ହେଉଛି କ୍ରୀଡାର ମୌଳିକତା ଓ ଏହାକୁ ପାଥେୟ କରି ଜୀବନରେ ଅନେକ ଶିକ୍ଷଣୀୟ କଥା ଅନୁଭବ କରାଯାଇପାରେ। ଅନେକ ଭଲ ଛାତ୍ର ପାଠପଢା ବ୍ୟତୀତ କ୍ରୀଡାରେ ନିଜର କ୍ୟାରିୟର ଗଠନ କରିବାକୁ ଆଗ୍ରହୀ ହେବା ଅନେକ ଉଜ୍ଜ୍ୱଳ ଉଦାହରଣ ରହିଛି। ସେହିଭଳି କ୍ରୀଡା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମାନ ସୁଯୋଗ ରହିଛି। ପୂର୍ବାପେକ୍ଷା ବିଭିନ୍ନ କ୍ରୀଡାର ପରିସର ବ୍ୟାପକ ହେଉଥିବା ଦୃଷ୍ଟିରୁ ପେଶାଦାର ମାନଙ୍କ ପାଇଁ ମଧ୍ୟ ସମ୍ମାନର ସହ ରୋଜଗାର ଦେବାର ଏକ ମାଧ୍ୟମ ପାଲଟିଛି। ବିଦ୍ୟାଳୟ ସ୍ତରରୁ କ୍ରୀଡା ଭିତିଭୂମିସୁଦୃଢ଼ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାକୁ ଉପଯୋଗ କରି ଜଣେ ସଫଳ କ୍ରୀଡାବିତ ହୋଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ, ଜିଲ୍ଲା ଶାରିରୀକ କ୍ରୀଡା ନିରୀକ୍ଷକ ପଠାଣି ଆଗ୍ରାସିଂହ ଓ କ୍ରୀଡା ସମୀକ୍ଷକ ଆଶିଷ ରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଆରୁହାରେ ବେଆଇନ କଳାପଥର ଖାଦାନ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନିତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତ ଏହାର ଶୁଣାଣୀ କରି ଯାଜପୁର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ସେପଟେମ୍ବର ୨୭ ତାରିଖ ମଧ୍ୟରେ ହାଜିର ହୋଇ ଏହାର ଉତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ ଆରୁହା କଳପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ଥିବା ତାଙ୍କର କ୍ରସରରେ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଂଚଳର ମନୋରନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଧର୍ମଶାଳା ତତକାଳିନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ୍ କରିଥିଲା। ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା। ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା। ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ୨୨୬/୨୨ରେ ଏକ ମାମଲା ରୁଜୁ କରିଥିଲେ। ଏହି ଘଟଣାର ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ୨୭ ସେପ୍ଟେମ୍ବର ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଲୁଟ ହୋଇଥିବା କଳାପଥରର ଆକଳନ କରାଯାଇଛି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକର ଜେନାଙ୍କ ଠାରୁ ଜରିମାନା ଆଦାୟ ହେବ।

## ଡ. ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୋନାଲିସା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ୍, ଶିକ୍ଷୟତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସାର୍ ଆଇଜାକ ନିୟୁଟନଙ୍କର ଜନ୍ମ ଦିବସ ଓ ବିଦ୍ୟାଳୟରବାର୍ଷିକ ଉତ୍ସବ ଅନୁଷ୍ଠିତ

ବେତନଟୀ,(ପି.ଏନ) : କୃଷ୍ଣ ଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟ, ପାଟଳୀପୁରାର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସାହୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଏଥିରେ ମୁଖ୍ୟ ଅତିଥି ଭାବରେ ବାବା କଖାରୁଆ ବୈଦ୍ୟନାଥ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଅମିତା ପଣ୍ଡା,ସମ୍ମାନିତ ଅତିଥି ଭାବରେ ଅଧାପକ ଡ଼କ୍ଟର ଅନ୍ତର୍ଯ୍ୟାମୀ ନାୟକ , ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ମୁଖ୍ୟ ବକ୍ତା ଭାବରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଭାରତ ସରକାରଙ୍କ ପଦାତିକ ବାହିନୀର ଜୁନିୟର କମିଶନ ଅଫିସର ଚନ୍ଦନ କୁମାର ପ୍ରଧାନ, ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ବେତନଟୀ ବ୍ଲକ ସଭାପତି ଶିଶିର କୁମାର ନାୟକ ଯୋଗଦାନ କରି ବିଦ୍ୟାଳୟର ବାର୍ଷିକ ଉତ୍ସବ ଶିକ୍ଷାର ଏକ ପ୍ରଧାନ ଅଙ୍ଗ ତଥା



ଛାତ୍ର ଛାତ୍ରୀ ମାନଙ୍କର ବ୍ୟକ୍ତିତ୍ୱ ବିକାଶର ଆଧାର ବୋଲି କହିଥିଲେ କ୍ଷ ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା କ୍ରୀଡା ଶିକ୍ଷକ ଗିରିଜା ଶଙ୍କର ମକ୍ଷହାର୍ଣ୍ଣାଙ୍କର ମାର୍ଗ ଦର୍ଶନରେ ଅନୁଷ୍ଠିତ ହୋଇଥିବା କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା କ୍ଷ କ୍ରୀଡାରେ ଚମ୍ପିୟାନ ହୋଇଥିବା ଛାତ୍ର ବାବୁଲୁ ବେହେରା ଓ ଛାତ୍ରୀ ଲିଜା ସିଂଙ୍କୁ ବିଶେଷ ପୁରସ୍କାର ପ୍ରଦାନ କରାଯାଇଥିଲା କ୍ଷ ଏଠାରେ ଉଲ୍ଲେଖନୀୟଯେ ଆଜି ବିଶ୍ୱ ବ୍ରେଲୀ ଦିବସ ହୋଇ ଥିବାରୁ ବିଦ୍ୟାଳୟରେ ଅଧ୍ୟୟନ ରତ ଜଣେ ଦୃଷ୍ଟି ବାଧିତ ଛାତ୍ର ଜଗବନ୍ଧୁ ଜେନାଙ୍କୁ ବିଶେଷ ପୁରସ୍କାର ପ୍ରଦାନ କରି ଉଚ୍ଚ ତର ଅଧ୍ୟୟନ ପାଇଁ ଉତ୍ସାହିତ କରାଯାଇଥିଲା ଏବଂ ମାଧ୍ୟାକର୍ଷଣର ଆବିଷ୍କାର କରିଥିବା ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ସାର ଆଇଜାକ ନିଉଟନ ତଥା ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନସାହୁ ସାରଙ୍କର ଜନ୍ମଦିବସ ହୋଇ ଥିବାରୁ ଜନ୍ମ ଦିବସର ସ୍ମୃତିରେ ଦୁଇଟି ବୃକ୍ଷ ରୋପଣ କରାଯାଇଥିଲା କ୍ଷ ଏଥିରେ ଶିକ୍ଷୟିତ୍ରୀ କାଞ୍ଚନମାଳା ଜେନା, ରିତାରାଣୀ ଦାଶ, ସୌଭାଗ୍ୟ କୁମାର ସିମନାକିଆଙ୍କ ସମେତ ବିଦ୍ୟାଳୟର ସମସ୍ତ ଇକୋ ଫ୍ରେଣ୍ଡ ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ କ୍ଷସଭାକାର୍ଯ୍ୟ ପରିଚାଳନା କରିଥିଲେ ଜିଲ୍ଲା ଇକୋ କ୍ଲବର ସଂଯୋଜକ ତଥା ରାଜ୍ୟ ଜୁନିଅର ରେଡ଼କ୍ରସର ବରିଷ୍ଠ ସାଧନ କର୍ମୀ ଶିକ୍ଷକ ଡ଼କ୍ଟର ରମାକାନ୍ତ ମହାନ୍ତକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି ।

# ଅଦ୍ୟ କାଦଡିହା ସ୍ଥିତ ରଘୁନାଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ



କରଞ୍ଜିଆ : ଅଧକ୍ଷା ଡକ୍ଟର ଜ୍ୟୋତିର୍ମୟୀ ତ୍ରିପାଠୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଥିବା ଏହି କାର୍ଯ୍ୟ କ୍ରମ ରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ପ୍ରେସ କ୍ଲବ ର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ କର୍ଣ୍ଣାର୍ଜୁନ ସାହା ଯୋଗ ଦେଇଥିଲେ । ଏହି ଉଦ୍ଘାଟନୀ ସଭାରେ ଅନୁଷ୍ଠାନର ଅଧ୍ୟାପକ ତପନ କୁମାର ବେହେରା , ଜନ୍ମେଜୟ ଶତପଥୀ, ରଞ୍ଜନ କୁମାର ବେହେରା, ସବିତା ମହାନ୍ତ, ପ୍ରମୁଖ ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ କାର୍ଯ୍ୟ କ୍ରମ ର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଉପାଦେୟତା, ସମ୍ପର୍କରେ ଅବଗତ କରିଥିଲେ । ପରିଶେଷରେ ଏହି ପ୍ରଶିକ୍ଷଣ ଶିବିର ଆଠ ଦିନ ଧରି ଚାଲିବ ବୋଲି ସଂଯୋଜକ ଶ୍ରୀ କାଞ୍ଚନ କୁମାର ବାରିକ ସୂଚନା ଦେଇଥିଲେ । ରଞ୍ଜନ କୁମାର ବେହେରା ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।।

# ବେଗୁନିଆ ଦୁର୍ଗାପୁରରେ ଅଧପନ୍ତରିଆ କଲ୍ୟାଣୀ ମଣ୍ଡପ ପଛରେ ରହିଛି ଅନେକ ରହସ୍ୟ

ବେଗୁନିଆ: (ପି.ଏନ) : ସ୍ଥାନୀୟ ଦୁର୍ଗାପୁର ପଞ୍ଚାୟତରେ ଦୀର୍ଘ ଦିନ ଧରି ପଞ୍ଚାୟତ କଲ୍ୟାଣୀ ମଣ୍ଡପ ଅଧପନ୍ତରିଆ ହୋଇ ପଡିରହିଛି । ପୂର୍ବ ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିଲେ ସୁଦ୍ଧା ପୂର୍ବ ସରକାର ଯାଇ ରାଜ୍ୟରେ ନୂଆ ସରକାର ଆସିଲେଣି, ହେଲେ ଦୀର୍ଘ ଦଶବର୍ଷ ଧରି ସରି ପାରୁନାହିଁ କଲ୍ୟାଣୀ ମଣ୍ଡପ କାର୍ଯ୍ୟ । ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ସରପଞ୍ଚଙ୍କ ଉଦାସୀନତା ଯୋଗୁଁ ସରକାରୀ ଯୋଜନାର ଲାଭ ଉଠାଇବାରୁ ଏବେ ଦୁର୍ଗାପୁର ପଞ୍ଚାୟତ ବାସୀ ବଞ୍ଚିତ । ଜନ ପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଅଭାବ କାରଣରୁ ୨୦୧୫ ମସିହାରେ ଆରମ୍ଭ ହେଇଥିବା କଲ୍ୟାଣୀ ମଣ୍ଡପ କାର୍ଯ୍ୟ ଦୀର୍ଘଦିନ ଧରି ଅଧପନ୍ତରିଆ ହୋଇ ପଡ଼ିରହିଛି । ଖୋଦ୍ ବ୍ଲକ୍ ଉପାଧକ୍ଷ ସେହି ଗ୍ରାମର ବାସିନ୍ଦା ହୋଇଥିବା ବେଳେ କଲ୍ୟାଣୀ ମଣ୍ଡପ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡିରହିବା ନିହାତି ଭାବରେ



ଉପାଧକ୍ଷଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ କାର୍ଯ୍ୟରେ ସିଥିଳତା କୁ ନେଇ ପଞ୍ଚାୟତ ବାସିନ୍ଦାଙ୍କ ମନରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି । ସାଧାରଣତଃ ଗ୍ରାମାଞ୍ଚଳରେ ଆର୍ଥିକ ସ୍ୱଚ୍ଛଳ ନଥିବା ଲୋକ ନିଜ ପିଲାଛୁଆଙ୍କ ବିବାହ ବ୍ରତ କାର୍ଯ୍ୟ କରିବା ପାଇଁ ଏହି କଲ୍ୟାଣୀ ମଣ୍ଡପ ଏକମାତ୍ର ସାଧନ ହୋଇଥିବା ବେଳେ ଏହାର ନିର୍ମାଣ ଏବେ ଅନିଶ୍ଚିତତା ମଧ୍ୟରେ । ତେଣୁ ବାଧ ହୋଇ ଅଧିକ ଅର୍ଥରାଶି ଖର୍ଚ୍ଚ କରି ପାଖରେ ଥିବା ଘରୋଇ କଲ୍ୟାଣୀ ମଣ୍ଡପ ଉପରେ ନିର୍ଭର କରୁଥିବା ଜଣା ପଡିଛି । ସରକାରୀ କଲ୍ୟାଣୀ ମଣ୍ଡପର ନିର୍ମାଣକୁ ନେଇ ଉଠିଥିବା ପ୍ରଶ୍ନ ପଛରେ ପାଖରେ ଗଢ଼ି ଉଠିଥିବା ଘରୋଇ କଲ୍ୟାଣୀ ମଣ୍ଡପ ଏକ ବଡ଼ କାରଣ ହୋଇଥିବା ସନ୍ଦେହ ପ୍ରକାଶ ପାଉଥିବା ବେଳେ ଅଧାପନ୍ତରିଆ ନିର୍ମାଣ ପଛରେ ଆହୁରି ଅନେକ ରହସ୍ୟ ଛପି ରହିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବିଷୟ ପାଲଟିଛି ।

# ଚତୁର୍ଭୁଜ ନନ୍ଦ ଗୋପାଳ ସମାଜର ଦ୍ୱିତୀୟ ବାର୍ଷିକ ସମୀକ୍ଷା ବୈଠକ

ପାଲଲହଡା (ପି.ଏନ) : -ରବିବାର ଚାରିଟି ଟି ଜିଲ୍ଲା ର ନନ୍ଦ ଗୋପାଳ ସମାଜ କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ନେଇ ପାଲଲହଡ଼ା ବ୍ଲକ ନଗିରା ହାଟ ପଡିଆ ଠାରେ ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ବୈଠକରେ ପାଞ୍ଚଟି ଜିଲ୍ଲା ର ଗୋପାଳ ସମାଜ ସଭାପତି ମିତ୍ରଭାନୁ ମହାକୁଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ସମ୍ମାନୀୟ ଅତିଥି ଭାବରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ପ୍ରଧାନ, ସଂପାଦକ ଚିତ୍ତରଞ୍ଜନ ଖିଲାର, ଉପ ସଭାପତି ବ୍ରହ୍ମାନନ୍ଦ ବେହେରା, ସଙ୍ଗଠନ ସଂପାଦକ



ବିନୋଦ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ ।ପ୍ରଥମେ ଗୋପାଳ ମାନଙ୍କ ଙ୍କ ଇଷ୍ଟଦେବ ପ୍ରଭୁ ଶ୍ରୀକୃଷ୍ଣ ଙ୍କୁ ପୂଜା ଅର୍ଚ୍ଚନା କରି ବୈଠକ ଆରମ୍ଭ ହୋଇଥିଲା । ଏହି ନନ୍ଦ ଗୋପାଳ ସମାଜ ରେ ଦେବଗଡ଼, ସୁନ୍ଦରଗଡ଼ , ଅନୁଗୋଳ ଏବଂ କେନ୍ଦୁଝର ଏହି ଚାରୋଟି ଜିଲ୍ଲାରୁ ଶତାଧିକ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ମାନେ ଆସି ଯୋଗଦେଇ ଥିଲେ । ବୈଠକରେ ଗୋପାଳ ସମାଜ ପକ୍ଷରୁ ଆଗାମୀ ଦିନରେ ସଂପୂର୍ଣ୍ଣ ମଦ ବନ୍ଦ କରିବା ପାଇଁ ନିଷ୍ପତ୍ତି, ଯୌତକ ପ୍ରଥା ଉଚ୍ଛେଦ ତା ସହିତ ଗୋ ମାତା ଙ୍କ ସୁରକ୍ଷା ପ୍ରତି ଧ୍ୟାନ ଓ ସରକାର ଗୋପାଳ ସମାଜ ନିମନ୍ତେ ଚାକିରୀ କ୍ଷେତ୍ର ରେ ସଂରକ୍ଷଣ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବେ ଓ ବାର୍ଷିକ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମ ରେ ୬୦୦ ରୁ ଉର୍ଦ୍ଧ କର୍ମକର୍ତା ଓ ସଦସ୍ୟ ଯୋଗଦେଇଥିଲେ ।

## ୨୪ତମ କାଠବାଂଶୂଳି ଜାତୀୟ ସ୍ତରୀୟ କ୍ରିକେଟ୍ ପ୍ରିମିୟମ ଲିଗ୍ ଉଦଯାପିତ

# ଅସୁରୀୟା ଏକ୍ସ ଆଇକୁ ହରାଇ ରାଉରକେଲା ଇରଫାନ ୧୧ ବିଜୟୀ

କେନ୍ଦୁଝର : କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ହାଣ୍ଡିଭଙ୍ଗା ପଞ୍ଚାୟତ କାଠବାଉଁଶୂଳି ଗ୍ରାମର ନେତାଜୀ ବିକାଶ କମିଟି ଆନୁକୁଲ୍ୟରେ ୨୪ତମ ଜାତୀୟସ୍ତରୀୟ ୧୬ ଦଳ ବିଶିଷ୍ଟ କ୍ରିକେଟ୍ ପ୍ରିମିୟମ ଲିଗ୍ ରବିବାର ଦିନ ଉଦଯାପିତ ହୋଇଯାଇଛି । ଏହି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଷଣ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିବା ବେଳେ ସଂମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ,ତେଲକୋଇ ବିଧାୟକ ଡ଼ଃ ଫକୀର ମୋହନ ନାଏକ ଯୋଗଦେଇ ଥିଲେ । ସ୍ଥାନୀୟ ନେତା ଆନିଦ୍ୟ ବେହେରା,ଗଣେଶ୍ୱର ମହାନ୍ତ,ବିବେକାନନ୍ଦ ମହାନ୍ତ ମଧ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଉଦଯାପନୀ ଦିବସର ଫାଇନାଲ ମ୍ୟାଚ୍ ରାଉରକେଲା ର ଇରଫାନ ୧୧ ଏବଂ ଅସୁରୀୟା ଏକ୍ସ ଆଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଅସୁରୀୟା ଏକ୍ସ ଆଇ କୁ ୩ଉଇକେଟ ରେ ହରାଇ ରାଉରକେଲା ଇରଫାନ ୧୧ ବିଜୟୀ ହୋଇଥିଲା । ପ୍ରଥମେ ଅସୁରୀୟା ଏକ୍ସ ଆଇ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୪୩ ରନ ସଂଗ୍ରହ କରିଥିଲା । ଦ୍ୱିତୀୟ ପାଳିରେ ରାଉରକେଲା ଇରଫାନ ୧୧ ୧୪ ଓଭର ରେ ୧୪୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ବିଜୟୀ ଟିମ କୁ ଏକ ଲକ୍ଷ ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଟିମ କୁ ୭୦ହଜାର ଟଙ୍କା ନଗଦ ସହିତ ଟ୍ରଫି ମନ୍ତ୍ରୀ ଓ ବିଧାୟକ ମାନେ ପ୍ରଦାନ କରିଥିଲେ । ମ୍ୟାନ ଅଫ



ଦି ମ୍ୟାଚ ଭାବେ ମହମଦ ଆକମୋଲକୁ ମଧ ଟ୍ରଫି ପ୍ରଦାନ କରାଯାଇଥିଲା । ନେତାଜୀ ବିକାଶ କମିଟି ର ସଭାପତି ଜଗନ୍ନାଥ ମୋଦିଙ୍କ ନେତୃତ୍ୱ ରେ ଏହି ଖେଳ ଅନୁଷ୍ଠିତ ହୋଇଥିବା ବେଳେ କମିଟି ର ଉପସଭାପତି କୃଷ୍ଣଚନ୍ଦ୍ର ସର୍ଦାର, ସମ୍ପାଦକ ମନୋଜ କୁମାର ମହାନ୍ତ, ସହସମ୍ପାଦକ ପ୍ରଶନ୍ନ କୁମାର ସର୍ଦାର, ରାକେଶ ଅରୁକ, ତରଣୀସେନ ଲୋହାର, କରୁଣାକର ମାଟିଆ, ହିମାଂଶୁ ଶେଖର ସର୍ଦାର ପ୍ରମୁଖ ତଥା ଅନ୍ୟମାନେ ସହଯୋଗ କରିଥିଲେ ।

## ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳାରୁ ରାସ୍ତାର ଦୁରବସ୍ଥା

ବେତନଟୀ(ପି.ଏନ) : : ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗ (ଆର.ଡ଼ି) ବର୍ତ୍ତମାନର ଅବସ୍ଥା ଏମିତି ଯେମିତି ଚାହିଁ କରି ଶୋଇ ରହିଛି ।ଏହାର ଜ୍ୱଳନ୍ତ ଉଦାହରଣ ସାଜିଛି, ବେତନଟୀ ଆର.ଡି କାର୍ଯ୍ୟାଳୟ ।ବଙ୍ଗଳା ଛକଠାରୁ ବାହାରି ବାହାନଡ଼ା, ଦହିକୋଟୀ,ଭୁରୁକୁଣ୍ଡି, ସଂସା,ଅଁଳା, ମେର୍ଦା ହୋଇ ହରିପୁର ପର୍ଯ୍ୟନ୍ତ ଲମ୍ବିଥିବା ବିଭାଗର ଏକ ମୁଖ୍ୟ ରାସ୍ତା ।ଜନସାଧାରଣଙ୍କ ଦୁର୍ଦ୍ଦଶା କହିଲେ ନ ସରେ ।ଏ ବାବଦରେ ଦାବୀ କିଛି ହେଲେ ବିଭାଗର ଦୃଷ୍ଟିକୁ ଆସୁନାହିଁ । ଖାଲ ଖମାରେ ଭର୍ତ୍ତି ସହ ଦହିକୋଟୀ ଗ୍ରାମ ଶେଷରେ ଦୀର୍ଘଦିନରୁ ଅର୍ଦ୍ଧନିର୍ମିତ ପୋଲ କାମ ଶେଷ ହେଉନାହିଁ ।ସେହିପରି ଅମଣିଦା ଚଟାଣପାଖ ରାସ୍ତାର ଅବସ୍ଥା ବହୁତ ଖରାପ ।କିନ୍ତୁ ଏତେ ଅସୁବିଧା କଥା କହିବାକୁ ଗଲେ ବେତନଟୀ କାର୍ଯ୍ୟାଳୟରେ ଅଫିସରଙ୍କୁ ସାକ୍ଷାତ ମିଳେନାହିଁ ।ପଚାରିଲାରୁ ଉତ୍ତର ମିଳେ, ବାରିପଦାରୁ ଆସିନାହାନ୍ତି । ଆଉ କେବେ ଶୁଣିବାକୁ ମିଳେ, ସାର୍, ସାଇଡକୁଯାଇଛନ୍ତି ଇତ୍ୟାଦି ।ଏଣୁ ବିଭାଗ ଶିଘ୍ର ଏଥିପ୍ରତି ଦୃଷ୍ଟି ଦେଲେ ଭଲ ହୁଅନ୍ତା ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି ।

# ଟିରିଂରେ ଜଳାଶୟରେ ବୃଦ୍ଧଙ୍କ ସଲିଳ ସମାଧି




ରାଇରଙ୍ଗପୁର (ପି.ଏନ) :: ମୟୂରଭଞ୍ଜ ଜିଲ୍ଲାର ସିମାନ୍ତ ତିରିଂ ଥାନା ଅନ୍ତର୍ଗତ ବଡଡାଲିମା ପଞ୍ଚାୟତ ଅନ୍ତର୍ଗତ ମାଙ୍କିଡିହି ଗ୍ରାମ୍ୟ ଜଳାଶୟରେ ଜଣେ ବୃଦ୍ଧ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ମାଙ୍କିଡିହି ଗ୍ରାମର ଲବେୟ ପୂର୍ତ୍ତି (୫୦) ଶନିବାର ଦିନ ଅପରାହ୍ନରେ ଘରକୁ ଯାଇ ଫେରି ନ ଥିଲେ । ସଂନ୍ଧ୍ୟାରେ ଘରକୁ ନ ଫେରିବାରୁ ଘର ଲୋକ ଖୋଜି ଖୋଜି ତାଙ୍କୁ ପାଇଁ ନ ଥିଲେ । ରବିବାର ଦିନ ଗାଁ ଲୋକେ ପୋଖରୀକୁ ଶୌଚ କରିବାକୁ ଯାଇ ଦେଖନ୍ତି କେହି ଜଣେ ଭାସୁଛି ।ପୋଖରୀଟି ମାଙ୍କିଡିହି ସ୍କୁଲ ପଛ ପାଖରେ ଅବସ୍ଥିତ ।ଏହାକୁ ନେଇ ଗାଁ ଲୋକେ ଥାନାକୁ ଖବର ଦେଇଥିଲେ ।ପୋଲିସ ଖବର ପାଇ ମୃତକକୁ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲ କୁ ପଠାଇଥିଲେ । ସୋମବାର ଦିନ ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି

# ତାଳଚେର ପ୍ଲେ ସ୍କୁଲର ୧୭ତମ ପୁରସ୍କାର ଉତ୍ସବ ପାଳିତ

ତାଳଚେର, : ତାଳଚେର ଟାଉନ ନୂଆବଜାର ସ୍ଥିତ ଜଗନ୍ନାଥ ପ୍ଲେ ସ୍କୁଲର ୧୭ତମ ବାର୍ଷିକ ଖେଳକୁଦ (କ୍ରୀଡ଼ା) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହାର ଆଜି ପୁରସ୍କାର ବିତରଣ ଉତ୍ସବ ତାଳଚେର ଷ୍ଟାଡ଼ିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ପେସ୍କାର ଗଡ଼ନାୟକ, ସମ୍ମାନୀତ ଅତିଥିଭାବେ ଆର୍ତ୍ତତ୍ରାଣ ଦାସ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଉକ୍ତ ଉତ୍ସବରେ ବିଦ୍ୟାଳୟ ମୁଖ୍ୟ ପରିଚାଳକ



ଆନନ୍ଦ ଚନ୍ଦ୍ର ଦାସ ମଂଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ଶିକ୍ଷୟତୀ ସୁମତୀ ଦାସ, ସ୍ୱାତୀସସ୍ମିତା ମହାରଣା, ନୟନା ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ସାହାଯ୍ୟ ସହଯୋଗରେ ଏହି ଉତ୍ସବ ପାଳନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦୌଡ଼, ବୋଲ ଥ୍ରୋ, ମ୍ୟୁଜିକାଲ୍ ଚେୟାର୍ ମାଇଣ୍ଡ ଚେଞ୍ଜ ଗେମ ଆଦି ଖେଳକୁଦ କରାଯାଇଥିଲା । ଶେଷରେ ଅଭିଭାବକମାନଙ୍କୁ ନେଇ ମ୍ୟୁଜିକାଲ ଚେୟାର୍ ପ୍ରତିଯୋଗିତା କରାଯାଇ କୃତୀ ହାସଲ କରିଥିବା ଅଭିଭାବକମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଖୁଲମ ଖୁଲା ମହୁଲି ମଦ ବିକ୍ରି

କଳାହାଣ୍ଡି : ଭବାନୀପାଟଣା ସଦର ବ୍ଲକ୍ ଅନ୍ତର୍ଗତ ସାପଶିଲେଟ ଗ୍ରାମର ଦେଶୀ ମୋହୁଲି ଭାଟି ଜିଲ୍ଲା ଅବକାରୀ ବିଭାଗ କୁ ଅବମାନ ନା କରି ଖୁଲମଖୁଲା ମଦ ବେଆଇନ ଭାବରେ ବିକ୍ରି ଚାଲିଛି ।ଗ୍ରାମ ବାସୀ ଙ୍କ ଅଭିଯୋଗ ଅନୁଯାୟୀ ସାପ ସିଲେଟ ଭାଟିରେ ଖୋଲା ମଦ ପ୍ରଚୁର ମାତ୍ରାରେ ବେଆଇନ ଭାବରେ ବିକ୍ରି କରାଯାଉଛି ।ଆଖ ପାଖ ଅଞ୍ଚଳ ଙ୍କୁ ଖୋଲା ମଦ ଚୋରା ଚାଲାଣ କରାଯାଉଛି । ଡବଲ ଇଞ୍ଜିନ ବିଜେପି ସରକାର ଚାଲିଥିବା ବେଳେ ଏହି ଭଳି ବେଆଇନ ଭାବରେ ଖୋଲା ମଦ ପ୍ରଚୁର ମାତ୍ରା ରେ ବିକ୍ରି କରାଯାଉଛି ।ଯାହା ଫଳ ରେ ବହୁତ୍ ଲୋକ ଙ୍କର ଦେହ ପ୍ରତି କ୍ଷତି କାରକ କରୁଛି ।ସରକାର ଙ୍କ ର ନିୟମ ଅଛି ଯେ ଜେଉ ପାଉଚ୍ ତିଆରି ହେଉଛି ତାହା ଏକ୍ସପାରିଟ ଡେଟ୍ ରହିବକଥା, ମିନିପିକଚର୍ ଡେଟ୍ ରହିବା କଥା ,ଏବଂ ବିକ୍ରି ରେଟ ରହିବା କଥା ତାର ବିକଳ୍ପ ଚିତ୍ର ଦେଖିବାକୁ ମିଳୁଛି ସାପ ସିଲେଟ ଭାଟିରେ ଖୋଲା ମଦ ବିକ୍ରି ଏବଂ ଆଖ ପାଖ ଅଞ୍ଚଳ ବିପଦ ସଙ୍କୁଳ ଅବସ୍ଥାରେ ଅଛି । ଦେଖିବାକୁ ବାକି ରହିଲା ଜିଲ୍ଲା ଅବକାରୀ ବିଭାଗ,ଓ ପୋଲିସ ପ୍ରଶାସନ ସାପ ସିଲେଟ ଓ ଆଖ ପାଖ ଅଞ୍ଚଳ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବେଳେ ଜିଲ୍ଲା ପ୍ରଶାସନ କଣ ପଦ ଖେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ବିଭିନ୍ନ ରାଜନୈତିକ ଦଳ ଏବଂ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ଅତିରିକ୍ତ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କ ବୈଠକ

ରାଇରଙ୍ଗପୁର ୦୬-୦୧ : ଆଜି ବାମନଘାଟି ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଦୌଲତ ଚନ୍ଦ୍ରକାର ଓ ଉପ ଜିଲ୍ଲାପାଳ ଶ୍ରୀ ସୌମ୍ୟ ରଞ୍ଜନ ପ୍ରଧାନ ଙ୍କ ସଭାପତିତ୍ୱ ରେ ରାଇରଙ୍ଗପୁର ଓ ସାରସକଣା ନିର୍ବାଚନ ମଣ୍ଡଳୀ ପାଇଁ ନୂତନ ଚୂଡାନ୍ତ ଭୋଟର ତାଲିକା-୨୦୨୫ ପ୍ରକାଶନ ସମ୍ପର୍କ ରେ ବିଭିନ୍ନ ରାଜନୈତିକ ଦଳ ଏବଂ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭ ରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ନିର୍ବାଚନ କମିଶନ ଙ୍କ ନିର୍ଦ୍ଦେଶ କ୍ରମେ ଅକଟୋବର ୨୯ ତାରିଖ ରୁ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଅଭିଯାନ ପରେ ଆଜି ୨୦୨୫ ମସିହା ପାଇଁ ବୁଥ ଓ୍ୱାରୀ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ହୋଇଛି ବୋଲି ପ୍ରକାଶ କରିବା ସହ ଏହାକୁ ସମସ୍ତ ରାଜନୈତିକ ଦଳ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳ ପ୍ରଦାନ କରିଥିଲେ. ଏହି ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ରେ ଜନସାଧାରଣ ଙ୍କ ଠାରୁ ବିଭିନ୍ନ ପ୍ରକାର ସଂଶୋଧନ ତଥା ଭୋଟର ତାଲିକା ରେ ନୂତନ ଭାବେ ଅନ୍ତର୍ଭୁକ୍ତ ହେବା ପାଇଁ ସାରସକଣା ନିର୍ବାଚନ ମଣ୍ଡଳୀ ରୁ ମୋଟ ୬୮୮୮ ଏବଂ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ରୁ ମୋଟ




୫୭୫୪ ଟି ଆବେଦନ ସଂଗୃହିତ ହୋଇଥିବା ବେଳେ ତଥ୍ୟ ଓ ଆବେଦନ ପତ୍ର ଆଧାର ରେ ଏହି ନୂତନ ଭୋଟର ତାଲିକା ପ୍ରକାଶିତ ହୋଇଛି.ଏହି ଆବେଦନ ପତ୍ର ମଧ୍ୟରୁ ନୂତନ ଭାବେ ଭୋଟର ତାଲିକା ରେ ଅନ୍ତର୍ଭୁକ୍ତ ହେବାପାଇଁ ସାରସକଣା ନିର୍ବାଚନ ମଣ୍ଡଳୀ ରୁ ୨୮୭୮ ଟି ଓ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ରୁ ୨୫୧୭ଟି ଆବେଦନ ପତ୍ର ଗ୍ରହଣ ହୋଇଥିଲା ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିବା ସହିତ ସ୍ୱତନ୍ତ୍ର ସଂଶୋଧନ ଅଭିଯାନ ବ୍ୟତୀତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନିରନ୍ତର ଚାଲୁରହିବ ମାତ୍ର ଏହି ଚୂଡାନ୍ତ ତାଲିକା ପ୍ରକାଶନ ପରେ ସଂଶୋଧନ ପାଇଁ ଆବେଦନ ହୋଇଥିବା ମତଦାତା ଙ୍କ ନାମ ଭୋଟର ତାଲିକା ଭୁକ୍ତ ନହୋଇ ଏକ ପରିଶିଷ୍ଟ ଭାବେ ଭୋଟର ତାଲିକା ରେ ସ୍ଥାନିତ ହେବ ଏବଂ ପରବର୍ତ୍ତୀ ସମୟରେ ଏହା ଭୋଟର ତାଲିକା ଅନ୍ତର୍ଭୁକ୍ତ ହେବ ବୋଲି ସ୍ପଷ୍ଟ କରିଥିଲେ. ଅନୁଷ୍ଠିତ ଉକ୍ତ ବୈଠକ ରେ ଡେପୁଟି କଲେକ୍ଟର ଶ୍ରୀ ମନୋଜ କୁମାର ମହାନ୍ତ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ବରିଷ୍ଠ ରାଜସ୍ୱ ସହାୟକ ଶ୍ରୀ ପ୍ରସାଦ ବେହେରା, କନିଷ୍ଠ ରାଜସ୍ୱ ସହାୟକ ଶ୍ରୀ ଦୀପକ କୁମାର ମହାନ୍ତ ଏବଂ ଡି ଇ ଓ ଶ୍ରୀ ଦୁର୍ଗା ପ୍ରାସାଦ ଦାଶ ପ୍ରମୁଖ ଙ୍କ ସମେତ ବିଭିନ୍ନ ରାଜନୈତିକ ଦଳରୁ ଯଥାକ୍ରମେ କଂଗ୍ରେସ ଦଳ ତରଫରୁ ଶ୍ରୀ ଅଶୋକ ଅଗ୍ରୱାଲ, ଭାରତୀୟ ଜନତା ଦଳ ତରଫରୁ ଶ୍ରୀ ଗୌରୀ ଶଙ୍କର ଦତ୍ତ ଓ ଶ୍ରୀ ସୁରଥ ପଟ୍ଟନାୟକ, ଜେ ଏମ ଏମ ଦଳ ତରଫରୁ ଶ୍ରୀ ସାଲୁ କିସ୍କୁ ପ୍ରତିନିଧି ଭାବେ ଓ ବିଭିନ୍ନ ଗଣମାଧମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ.

